# ସ୍ମାର୍ଟ ସିଟିର ବିଶୃଙ୍ଖଳିତ ରୂପ

ଭୁବନେଶ୍ୱର ସହରର ପଳାଶୁଣୀ-ରସୁଲଗଡ଼ ଛକ ଏକ ପ୍ରବେଶ ଦ୍ୱାର। କେବଳ ଓଡ଼ିଶା ପାଇଁ ନୁହଁ, କୋଲକାତା ଏବଂ ଚେନ୍ନାଇକୁ ସଂଯୋଗ କରୁଥିବା ରାଜପଥର ଏହା ଏକ ମୁଖ୍ୟ ଅଂଶ। ସ୍ମାର୍ଟ ସିଟିର ମାନ୍ୟତା ପାଇଥିବା ଭୁବନେଶ୍ୱରର ଏହି ଅଞ୍ଚଳ ରାଜ୍ୟ ତଥା ଦେଶର ଅନେକ ଲକ୍ଷ ଲୋକଙ୍କୁ ଯେଉଁ ଚିତ୍ର ପ୍ରଦାନ କରୁଛି ସେଥିରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ, ବାସ୍ତବରେ ଭୁବନେଶ୍ୱର ଏକ ଅସ୍ୱଚ୍ଛ, ଅସୁରକ୍ଷିତ ଏବଂ ବିଶୃଙ୍ଖଳିତ ସହର। ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ସ୍ଥାନୀୟ ବାସିନ୍ଦା, ରାଜନେତା ଓ ବିଶେଷ କରି କମିଶନରେଟ ପୋଲିସ ମିଳିମିଶି ସହରର ଏହିଭଳି ଏକ କଦାକାର ଚିତ୍ର କରିବା ପାଇଁ ଦାୟୀ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଗୋଟିଏ ପଟେ ଋଣ କରି ଯେତେ ସ୍ମାର୍ଟ ହେବାକୁ ଚେଷ୍ଟା କଲେ ମଧ ଚରିତ୍ର ନ ବଦଳିଲେ ଚେହେରା ବଦଳିବ ନାହିଁ। (ଫଟୋ: ବିକାଶ ନାୟକ)



ରସୁଲଗଡ଼ ଛକ ନିକଟ ରାସ୍ତା ଉପରେ ରହିଥିବା ଟିଫିନ୍ ଷ୍ଟଲ



ରସୁଲଗଡ଼ ଗୋଲେଇ ଛକ ରାସ୍ତା ଉପରେ ଅଟକି ରହୁଛି ଅଟୋ ରିକ୍ସା



ରସୁଲଗଡ଼ ଛକ ନିକଟ ରାସ୍ତା କଡ଼ରେ ପରିବା ପସରା ଓ ରାସ୍ତା ଜାମ୍

## କିଏ ଟ୍ରାଫିକ୍ ନିୟମ କହିବାକୁ ନାହିଁ: ମନଇଚ୍ଛା ରାସ୍ତାର ବ୍ୟବହାର






ରସୁଲଗଡ଼ରୁ ଏସ୍‌ପ୍ଲାନେଡ୍ ୱାନ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ୍ ନିୟମ ଉଲ୍ଲଂଘନର କିଛି ଦୃଶ୍ୟ


ପଳାଶୁଣୀ ମୁଖ୍ୟରାସ୍ତା କଡ଼ରେ ଗଦା ହୋଇରହିଛି ନର୍ଦ୍ଦମା ମାଟି


ପଳାଶୁଣୀ ପଟୁ ରସୁଲଗଡ଼ ଫ୍ଲାଏଓଭର ଆରମ୍ଭ ସ୍ଥଳରେ ଛିଡ଼ା ହୋଇ ରହୁଥିବା ଅଟୋ ରିକ୍ସା



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।
-ଏଡ୍‌ୱାର୍ଥ



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- 'ପୁସ୍ତକଚର୍ଚ୍ଚା' କାର୍ଯ୍ୟକ୍ରମ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ଭଞ୍ଜ କଳାମଣ୍ଡପ ପଛ, ସନ୍ଧ୍ୟା ୬ଟା ୩୦।
- ଅଡିଓ ସିଡ଼ୀ 'ମନ ଗାଲିଚା'ର ଶୁଭ ଲୋକାର୍ପଣ, ଗୀତଗୋବିନ୍ଦ ସଦନ, ସୂଚନା ଭବନ ପଛ, ସନ୍ଧ୍ୟା ୬ଟା ୩୦।

କଟକ
- କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସ୍ମୃତି ସନ୍ଧ୍ୟା, ରଘୁନାଥଜୀଉ ମନ୍ଦିର, ତେଲେଙ୍ଗାବଜାର, ଅପରାହ୍ନ ୫ଟା।

## ପିସ୍ତଲ ଦେଖାଇ ମରଣାନ୍ତକ ଆକ୍ରମଣ
# ୨ଇଞ୍ଜିନିୟରିଂ ଛାତ୍ର ଗିରଫ, ୩ ଗୁଳି ଜବତ

**ଭୁବନେଶ୍ୱର,୨୬।୬(ବ୍ୟୁରୋ):** ଇନଫୋସିଟି ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସହପାଠୀ ବିଟେକ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇ ଧକମ ଦେବା ଅଭିଯୋଗରେ ପୋଲିସ ଦୁଇ ଛାତ୍ରଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିହାର ସାହାସପୁର ଅଞ୍ଚଳର ଉଛବ ସିଂ ଓ ଛତିଶଗଡ ରାୟପୁର ବିଶାଲ ନଗର ଅଞ୍ଚଳର ଆରିୟନ ସିଂ। ଏମାନଙ୍କ ଠାରୁ ୩ଟି ଗୁଳି ଜବତ ହୋଇଛି। ପୋଲିସ ସୂଚନା ମୁତାବକ, ଇନଫୋସିଟି ଥାନା ଅଞ୍ଚଳରେ ଥିବା ଏକ ବିଶ୍ୱବିଦ୍ୟାଳୟର ତୃତୀୟ ବର୍ଷର କେତେଜଣ ବିଟେକ୍ ଛାତ୍ରଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ବିହାର ଅଞ୍ଚଳର ତୃତୀୟ ବର୍ଷର ବିଟେକ ଛାତ୍ର ଆଶିଷଙ୍କ ସହ ଦୁଇ ଅଭିଯୁକ୍ତ ଉଛବ ଓ ଆରିୟନଙ୍କ କିଛି ଦିନ ହେବ ଛକାପଞ୍ଝା ଲାଗିରହିଥିଲା। ଗତ ୨୨ ତାରିଖ ରାତିରେ ଦୁଇ ଅଭିଯୁକ୍ତ ଆଶିଷଙ୍କୁ ହଷ୍ଟେଲ କ୍ୟାମ୍ପସ ବାହାରେ ଏକ ପିସ୍ତଲ ଦେଖାଇ ଜୀବନରେ ମାରଦେବାକୁ ଧକମ ଦେବା ସହ ମାଡ ମାରିଥିଲେ। ଏହାକୁ ଦେଖି ଅନ୍ୟ ଛାତ୍ର ଓ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିବାରୁ ଉଦ୍ୟମ କରିବାରୁ ଉଭୟ ଅଭିଯୁକ୍ତ ବିଶାଲ ଓ ଆରିୟନ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଏକ ମାମଲା (୧୩୪/୧୯) ରୁଜୁ କରି ତଦନ୍ତ ଚଳାଥିଲା।

## ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ଦୋକାନୀ ରଖିଛନ୍ତି ୨ କୋଟିରୁ ଅଧିକ ବାକି

**ଭୁବନେଶ୍ୱର,୨୬।୬(ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟର କ୍ୟାମ୍ପସରେ ୨୫ଟି ଅନୁମତିପ୍ରାପ୍ତ ଦୋକାନ ଗୃହ ରହିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ୨୦୦୨ରୁ ସେହି ଦୋକାନୀଙ୍କ ଭଡା ବଢାଇ ଦିଆଯାଇଛି। ବର୍ଦ୍ଧିତ ଭଡା ଅନୁଯାୟୀ ବର୍ଗଫୁଟ ପିଛା ଦୋକାନୀମାନେ ୩ ଟଙ୍କା ଏବଂ ୫ ଟଙ୍କା ହିସାବରେ ଜମା କରିବା ପାଇଁ କୁହାଯାଇଥିଲା। କିନ୍ତୁ ଦୋକାନୀମାନେ ବର୍ଦ୍ଧିତ ଭଡା ପଇଠ କରୁନାହାନ୍ତି। ପୁରୁଣା ଧାର୍ଯ୍ୟ ଦର ଅନୁଯାୟୀ ୨୦୦୨ରୁ ୨୦୦୫ ପର୍ଯ୍ୟନ୍ତ ପରିଶୋଧ କରିଛନ୍ତି। ଏଣୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସେହି ଦୋକାନୀମାନଙ୍କୁ ପତ୍ର ସଂଖ୍ୟା-୧୧୨୯୯ ଜରିଆରେ ୧୫ ଦିନ ମଧ୍ୟରେ ବକେୟା ଅର୍ଥ ପୈଠ କରିବାକୁ ଗତ ୧୧ ଏପ୍ରିଲ ୨୦୧୯ରେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସେମାନଙ୍କଠାରୁ କୌଣସି ଉତ୍ତର ନ ମିଳିବାରୁ ପୁନଶ୍ଚ ୭ ଦିନ ମଧ୍ୟରେ ବକେୟା ପୈଠ ପାଇଁ ମେ ୨୦୧୯ରେ ଚିଠି କରାଗଲା। ହେଲେ ଏବେ ସୁଦ୍ଧା ସେମାନେ ନିର୍ଦ୍ଦେଶ ପାଳନ କରୁ ନ ଥିବା ବିଭାଗୀୟ ମନ୍ତ୍ରୀ ଅରୁଣ ସାହୁ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଅଣତାରକା ପ୍ରଶ୍ନ ସଂଖ୍ୟା ୫୬ରେ ଉତ୍ତର ଦେଇଛନ୍ତି। ମନ୍ତ୍ରୀ ସାହୁ ଆହୁରି କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟ ମଧ୍ୟରେ ୨୧ଟି ଦୋକାନୀ ୨କୋଟି ୩ ଲକ୍ଷ ୮ ହଜାର ୬୧୩ ଟଙ୍କା ବକେୟା ରଖିଛନ୍ତି। ବିଶ୍ୱବିଦ୍ୟାଳୟର ହିତ ଦୃଷ୍ଟିରୁ ବର୍ଦ୍ଧିତ ଧାର୍ଯ୍ୟ ଦର ହିସାବରେ ଦୋକାନୀଙ୍କ ଠାରୁ ଭଡା ଆଦାୟ କରିବାକୁ ପଦକ୍ଷେପ ନିଆଯାଉଥିବା ଅରୁଣ କହିଛନ୍ତି।

## ଶିଶୁ ଅନନ୍ତ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ସଭା

**ବାଲିପାଟଣା,୨୬।୬(ଡି.ଏନ୍.ଏ.):** ବାଲିପାଟଣାସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟରେ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷ ବୈକୁଣ୍ଠ ନାରାୟଣ ଦାଶ ସ୍ୱାଗତ ଭାଷଣ ଦେବା ସହ କଲେଜର ୮ଟି ମୌଳିକ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ବିଧାୟକ ଢାଲି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟାପକ ଡ. ଭବାନୀ ଶଙ୍କର ଦାଶ ସଭା ପରିଚାଳନା ଓ ଅଧ୍ୟାପିକା ଡ. ଶ୍ରୀଜୟା ଦାଶ ଧନ୍ୟବାଦ ଦେଇଥିଲେ।

## ■ ସରକାରଙ୍କ ନିୟମକୁ ବେଖାତିର
# ବେଧଡ଼କ ଚାଲିଛି ପଲିଥିନ ବ୍ୟବହାର

**ନରାଜ,୨୬।୬(ଡି.ଏନ୍.ଏ.)**

ଅକ୍ଟୋବର ୨୦୧୮ରେ ସରକାର ପଲିଥିନ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଇଥିଲେ। ହେଲେ ବାରଙ୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ଦୋକାନରେ ବ୍ୟବହାର ଓ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏନେଇ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। କଟକ ଓ ଭୁବନେଶ୍ୱର ମଧ୍ୟରେ ବାରଙ୍ଗ ହୋଇଥିଲେ ମଧ୍ୟ ଏହି ଅଞ୍ଚଳ ମ୍ୟୁନିସିପାଲିଟିରେ ଯାଉ ନାହିଁ। ଫଳରେ ସବୁ ସ୍ଥାନରେ କୁଢକୁଢ ପଲିଥିନ ଗଦା ହୋଇଥିବା ବେଳେ ଅଳିଆ ଉଠାଇବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଓ ବିଜ୍ଞାପନ ଦ୍ୱାରା ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ଏହା ସହ ବିଭିନ୍ନ ସଙ୍ଗଠନ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରି ସଚେତନ କରାଉଥିଲେ ମଧ୍ୟ ତାହାର ସୁଫଳ ମିଳୁନି। ଏପରି କି ଚାଷ ଜମିରେ ପଲିଥିନ ପଡିବା ଦ୍ୱାରା ମାଟିରେ ନ ମିଶିବା ଫଳରେ ଚାଷଜମି ନଷ୍ଟ ହେଉଛି। ବିଭିନ୍ନ ସମୟରେ ଖାଦ୍ୟ ପଲିଥିନରେ ନେଇ ଲୋକମାନେ ବାହାରେ ଫୋପାଡିବା ଦ୍ୱାରା ତାକୁ ଗୋରୁ ଖାଇ ମୃତ୍ୟୁବରଣ କରୁଥିବା ଚର୍ଚ୍ଚା ହେଉଛି। ଅପରପକ୍ଷେ



ବାରଙ୍ଗ ଷ୍ଟେଶନ ବଜାରରେ ଗଦା ହୋଇଥିବା ପଲିଥିନ୍ ଆବର୍ଜନା।

ପଲିଥିନ ବ୍ୟବହାର ଉପରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବାରଙ୍ଗ ଅଞ୍ଚଳରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବାରଙ୍ଗ ଅଞ୍ଚଳରେ ପଲିଥିନ ବ୍ୟାନ୍ ଆଇନକୁ କଡାକଡି ଲାଗୁ କରିବା ପାଇଁ ବହୁ ବୁଦ୍ଧିଜୀବୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବାରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଆକୁଳ ମଲ୍ଲିକ ଓ ବାରଙ୍ଗ ତହସିଲଦାର ରମେଶଚନ୍ଦ୍ର ଜେନା କୁହନ୍ତି, ପଲିଥିନ ବନ୍ଦ ନେଇ ଆମକୁ କିଛି ଖବର ଦିଆଯାଇ ନାହିଁ କି ଚଢ଼ାଉ ପାଇଁ କାହାକୁ ଦାୟିତ୍ୱ ଦିଆଯାଇଛି ଜାଣି ନ ଥିବା କହିଛନ୍ତି।

### କ'ଣ କୁହନ୍ତି ଏମାନେ



ପଲିଥିନ ସହିତ ଲୋକେ ଏପରି ଜଡିତ ହୋଇଗଲେଣି ଯେ ତା'ର କୁପ୍ରଭାବ ଜାଣି ମଧ୍ୟ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି। ସରକାର ଏଥିପ୍ରତି ରୋକ ଲଗାଇଲା ପରେ ମଧ୍ୟ ଠିକ୍‌ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। କିଛି ଘଟଣା ଘଟିଗଲା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ତେଣୁ ବେଳହୁଁ ସାବଧାନ ହେବା ଦରକାର।

**-ପ୍ରହ୍ଲାଦ ମହାନ୍ତି, ସ୍ୱେଚ୍ଛାସେବୀ**



ପଲିଥିନ ଦୈନନ୍ଦିନ ଜୀବନରେ ବ୍ୟବହର ଯୋଗୁ ମୃତ୍ତିକା, ବାୟୁ ଓ ଜଳକୁ ପ୍ରଦୂଷିତ କଲାଣି। ଏହାର ବ୍ୟବହାର ପ୍ରତି ସରକାରଙ୍କ କାର୍ଯ୍ୟାନୁଷ୍ଠାନର ଉଦାସୀନତା ଓ ଲୋକ ସଚେତନତା ଅଭାବ। ସମାଜରେ କେବେ ପଲିଥିନ ମୁକ୍ତ ହେବ ଏହା ବର୍ତ୍ତମାନ ସରକାରଙ୍କଠାରୁ ଆଶାକରିବା ଆଶାରେ ରହିବା ପରି ଲାଗୁଛି।

**-ଦୁର୍ଯ୍ୟୋଧନ ମାଝି,ସାମାଜିକ କର୍ମୀ**



ପଲିଥିନ ବ୍ୟବହାରକୁ ରୋକିବା ପାଇଁ କରାଯାଇଥିବା ଆଇନ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅସମ୍ଭବ ଲାଗୁଥିବା କାର୍ଯ୍ୟଟି ଲୋକଙ୍କ ଦ୍ୱାରା ଗ୍ରହଣ ହେଉଥିବା ବେଳେ ହଠାତ ତାହା କାହିଁକି ଦିଗହରାହେଲେ ତାହା ବୁଝା ପଡୁନାହିଁ। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ପୁନଃ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାସହିତ ଜନସଚେତନତା ସୃଷ୍ଟି କରାଗଲେ ସଫଳତା ହାସଲ ଦୂର ନୁହେଁ। ଆସନ୍ତୁ ସମସ୍ତେ ମିଶି ପଲିଥିନ ବ୍ୟବହାରକୁ ବର୍ଜନ କରିବା।

**-ଗଣେଶ୍ୱର ନାୟକ, ଶିକ୍ଷକ**

## ■ ଭୁବନେଶ୍ୱର କଣ୍ଟ୍ରାକ୍ଟର ଆସୋସିଏଶନ ବୈଠକ
# ଫନୀ ପୁନରୁଦ୍ଧାର କାର୍ଯ୍ୟର ଟଙ୍କା ମିଳୁନି

**ଭୁବନେଶ୍ୱର, ୨୬।୬(ବ୍ୟୁରୋ)**

**୭ ଦିନ ମଧ୍ୟରେ ସମାଧାନ ନ ହେଲେ କାର୍ଯ୍ୟବନ୍ଦ ଚେତାବନୀ**

ଭୁବନେଶ୍ୱର କଣ୍ଟ୍ରାକ୍ଟର ଆସୋସିଏଶନ ତରଫରୁ ବୁଧବାର ଏକ ହୋଟେଲରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସୋସିଏସନ ସଭାପତି ଜଗଦୀଶ ପାତ୍ର, ଉପସଭାପତି ଚିନ୍ମୟ ସୱାଇଁ, ସମ୍ପାଦକ ବିଭୁତି ଭୂଷଣ ଜେନାଙ୍କ ସମେତ ପିଏଚ ଏବଂ ଆରଆଣ୍ଡବିର ବହୁ 'ସି' ଏବଂ 'ଡି' କ୍ଲାସ କଣ୍ଟ୍ରାକ୍ଟରମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ସଭାପତି ବୈଠକର ମୁଖ୍ୟ କାରଣ କିଭଳି କଣ୍ଟ୍ରାକ୍ଟର ମାନଙ୍କ କାଗଜ ପତ୍ର ନିୟମାନୁଗତ କରିବା ସହିତ ବାକି ରହିଥିବା ବିଲ ଟଙ୍କା ପାଇବେ ସେ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ମୁଖାତଃ ପିଏଚ କଣ୍ଟ୍ରାକ୍ଟର ମାନେ ଗତ ତିନି ମାସ ହେଲା କୌଣସି ବିଲ ବାବଦ ଟଙ୍କା ପାଇପାରୁନାହାନ୍ତି ଏବଂ ଏହା ସହିତ ଫନିରେ କ୍ଷୟକ୍ଷତି ହୋଇଥିବା ପାଣି ସପଲାୟ ପୁନରୁଦ୍ଧାର କାର୍ଯ୍ୟ ନିଜେ ନିଜେ କରିଥିଲେ ବି ଗତ ମାସେ ହେଲା ଏହାର ଟଙ୍କା ମଧ୍ୟ ବିଭାଗ ଦେଉନାହିଁ। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ। ପିଏଚର ଡିଭିଜନ ୧ ଓ ୨ ଏବେ ୱାଟକୋ ଅଧୀନରେ ଯାହାପାଇଁ କଣ୍ଟ୍ରାକ୍ଟର ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ଆସୋସିଏସନ ପକ୍ଷରୁ ଅନ୍ୟାନ୍ୟ କାର୍ଯ୍ୟ ତାଲିକା ଏବଂ ନିବେଦନ ପତ୍ର ସଚିବଙ୍କୁ ପ୍ରଦାନ କରାଯାଇଛି ଯାହାକି ଏଯାବତ ତର୍ଜମାରେ ଅଛି। ତେବେ ଆସନ୍ତା ୭ ଦିନ ମଧ୍ୟରେ ଯଦି ଉକ୍ତ ସମସ୍ୟାର ସମାଧାନ ନ କରାଯାଏ ତେବେ କାର୍ଯ୍ୟବନ୍ଦ ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ବାଟୁ ନାରାୟଣ ଥିଲେ କର୍ତ୍ତବ୍ୟନିଷ୍ଠ ଶିକ୍ଷାବିତ୍

**ଭୁବନେଶ୍ୱର, ୨୬।୬(ବ୍ୟୁରୋ)**

ବାଟୁ ନାରାୟଣ ମୂର୍ତ୍ତି ଥିଲେ ଜଣେ କର୍ତ୍ତବ୍ୟନିଷ୍ଠ ଓ ଅନୁଶାସିତ ଶିକ୍ଷାବିତ୍। ତାଙ୍କ ପରଲୋକରେ ଓଡ଼ିଶା ଜଣେ ସୁଯୋଗ୍ୟ ସନ୍ତାନ ହରାଇଲା ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ବୁଧବାର ସତ୍ୟସାଇ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟସାଇ ସେବା ସମିତି ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର, ସାଇ ସଂଗଠନର ଜାତୀୟ କର୍ମକର୍ତ୍ତା ପି. ଜଗନ୍ନାଥ ରାଓ, ରାଜ୍ୟ କର୍ମକର୍ତ୍ତା ସଚ୍ଚିଦାନନ୍ଦ ନନ୍ଦ, ସଚ୍ଚିଦାନନ୍ଦ ନାୟକ, ଡ. ପ୍ରିୟମ୍ବଦା ପଟ୍ଟନାୟକ, ନିର୍ମଳକୁମାର ବେହେରା, ବାଟୁ ନାରାୟଣଙ୍କ ବଡ଼ପୁଅ ବି.ଏନ୍. ମୂର୍ତ୍ତି, ପରିବାର ବର୍ଗ ଓ ସତ୍ୟସାଇ ସେବା ସମିତିର ପ୍ରମୁଖ ସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଭଜନ ସମାରୋହର ଆୟୋଜନ କରାଯିବା ସହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

ସୂଚନାଯୋଗ୍ୟ, ୧୯୨୮ରେ ବ୍ରହ୍ମପୁର ସହରରେ ଜନ୍ମ ଗ୍ରହଣ କରିଥିବା ବାଟୁ ନାରାୟଣ ସିଟି ହାଇସ୍କୁଲରୁ ପାଠପଢା ଓ ଖଲ୍ଲିକୋଟ କଲେଜରୁ ସ୍ନାତକ ସାରିଥିଲେ। ପରେ ସେ ରାଧାନାଥ ଟ୍ରେନିଂ କଲେଜରେ ବିଏଡ୍ କରି ବଲାଙ୍ଗୀରର ପିଆର୍ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ। କର୍ତ୍ତବ୍ୟ ନିଷ୍ଠା ଓ କାର୍ଯ୍ୟ ଦକ୍ଷତା ଯୋଗୁ ପରବର୍ତ୍ତୀ ସମୟରେ ସେ ପ୍ରଧାନଶିକ୍ଷକ ଓ ସର୍କଲ ଇନ୍ସପେକ୍ଟର ହୋଇପାରିଥିଲେ। ଶେଷରେ ଶିକ୍ଷା ବିଭାଗର ଡେପୁଟି ସେକ୍ରେଟାରୀ ଭାବେ ସଫଳତାର ସହ କାର୍ଯ୍ୟ କରି ଅବସରଗ୍ରହଣ କରିଥିଲେ। ସରଳ ଓ ନିରାଡ଼ମ୍ବର ଜୀବନଯାପନ କରିବା ସହ ପରୋପକାରୀ ଥିଲେ। ଗତ ୧୩ ତାରିଖ ସକାଳ ୯ଟାରେ ତାଙ୍କର ପରଲୋକ ଘଟିଥିଲା।

## ■ ଆନ୍ତର୍ଜାତିକ ନିଶା ନିବାରଣ ଦିବସ
# ବିଏମ୍‌ସିର ପଦଯାତ୍ରାରେ ସଚେତନତା ବାର୍ତ୍ତା

**ଭୁବନେଶ୍ୱର, ୨୬।୬(ବ୍ୟୁରୋ)**

ଆର୍ନ୍ତଜାତିକ ନିଶା ନିବାରଣ ଦିବସ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଅବକାରୀ ବିଭାଗର ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ଅବକାରୀ ବିଭାଗର କମିଶନର ଓ ସଚିବ ସୁଶିଲ୍ କୁମାର ଲେହାନି ପ୍ରମୁଖ ଯୋଗଦେଇଥିଲେ। ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀମାନେ ବିଏମ୍‌ସି କାର୍ଯ୍ୟାଳୟରୁ ଏକ ପଦଯାତ୍ରାରେ ବାହାରି କଳ୍ପନା ଓ ରାଜମହଲ ଛକ ଦେଇ ମାଷ୍ଟର କ୍ୟାଣ୍ଟିନ ପର୍ଯ୍ୟନ୍ତ ଯାଇଥିଲେ।

ଏହି ଅବସରରେ ମନ୍ତ୍ରୀ କହିଥିଲେ,




ନିଶା ନିବାରଣ ନେଇ ବାହାରିଥିବା ଶୋଭାଯାତ୍ରା।

ନିଶା ସେବନ ଯୁବପିଢ଼ି ଏବଂ ସମାଜକୁ ପ୍ରଭାବିତ କରୁଛି। ଫଳରେ ସେମାନଙ୍କ ଭବିଷ୍ୟତ ଅନିଶ୍ଚିତତା ଆଡକୁ ଟାଣି ହେଉଛି। ତେଣୁ ଆମେ ସମସ୍ତେ ନିଶା କାରବାର ଏବଂ ନିଶା ସେବନକାରୀଙ୍କ ଉପରେ ନଜର ରଖି ସମାଜରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବା ଉଚିତ୍। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ, ମୁଖ୍ୟବିତ୍ତ ଅଧିକାରୀ ଲାବଣ୍ୟ ଶବର, ଉପଆୟୁକ୍ତ ଲୋକ ସମ୍ପର୍କ ଅଧିକାରୀ ଶ୍ରୀମନ୍ତ ମିଶ୍ର, ଉପ ଆୟୁକ୍ତ ଶ୍ୟାମସୁନ୍ଦର ସେଠୀ, ସଂଘମିତ୍ରା ବେହେରା, ମଣ୍ଡଳ ଉପ ଆୟୁକ୍ତ ପ୍ରମୋଦ ପୃଷ୍ଟି, ରୁପକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି 'ପୁସ୍ତକ ଚର୍ଚ୍ଚା'

**ଭୁବନେଶ୍ୱର,୨୬।୬(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁରୁବାର ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ 'ପୁସ୍ତକ ଚର୍ଚ୍ଚା' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ 'ତପସ୍ୱିନୀ' କାବ୍ୟ ସମ୍ପର୍କରେ ବିଶିଷ୍ଟ ସାହିତ୍ୟିକ ତଥା ଆଲୋଚକ ପ୍ରଫେସର ଶରତ ଚନ୍ଦ୍ର ରଥ ଆଲୋଚନା କରିବେ।

## ■ ଓଡ଼ିଶା ସାଂସ୍କୃତିକ ମହୋତ୍ସବର ୨ୟ ସନ୍ଧ୍ୟା
# ହରମୋହନଙ୍କୁ 'ସଙ୍ଗୀତ ପ୍ରବୀଣା ରାଧାମଣି ମହାପାତ୍ର ସମ୍ମାନ'

**ଭୁବନେଶ୍ୱର,୨୬।୬(ବ୍ୟୁରୋ)**

ଓଡ଼ିଶା କଲ୍‌ଚରାଲ ଫାଉଣ୍ଡେଶନ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ତୃତୀୟ ଓଡ଼ିଶା ସାଂସ୍କୃତିକ ମହୋତ୍ସବର ବୁଧବାର ଥିଲା ୨ୟ ସନ୍ଧ୍ୟା। ଏହି ଅବସରରେ ବିଶିଷ୍ଟ ତବଲା ବାଦକ ଗୁରୁ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ 'ସଙ୍ଗୀତ ପ୍ରବୀଣା ରାଧାମଣି ମହାପାତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ରାଶିସ୍ୱରୂପ ତାଙ୍କୁ ୨୫ହଜାର ଟଙ୍କା ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବନବିହାରୀ ମିଶ୍ର, ପୂର୍ବତନ ଆୟକର କମିଶନର ଶରତ ଚନ୍ଦ୍ର ଦାଶ, ସିନେ ପ୍ରଯୋଜକ ଡ. ପ୍ରଶାନ୍ତ ମହାପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ବୁଢୁ ମିଶ୍ର, ସଂସ୍ଥାର ସମ୍ପାଦକ ଆସ୍ଥାପଦ୍ମା ତ୍ରିପାଠୀ, ଡ.




ମହୋତ୍ସବରେ ସଙ୍ଗୀତ ପରିବେଷଣ କରାଯାଉଛି।

ଅମିତା ମହାପାତ୍ର, ମନୋରମା ବିଶ୍ୱାଳ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେଶନ ସଭାପତି ଗୁରୁପ୍ରସାଦ ସମରେନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସଙ୍ଗୀତକାର ଶୈଳେନ୍ଦ୍ର ଓ ତାଙ୍କ ସାଥୀଙ୍କ ଦ୍ୱାରା ସଙ୍ଗୀତ ପରିବେଷିତ ହୋଇଥିଲା। ଶେଷରେ କିଡ୍‌ସ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

# ଶୈଳବାଳା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ୨୬।୬(ବ୍ୟୁରୋ)**

ଶୈଳବାଳା ସାହିତ୍ୟ ସଂସଦର ୩ୟ ବାର୍ଷିକ ଉତ୍ସବ ୟୁନିଟ-୩ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଗୌରଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନ୍ହୁର, ଡ. ପ୍ରେମାନନ୍ଦ ମହାପାତ୍ର, ସାହିତ୍ୟିକ ଡ଼. ବିବେକାନନ୍ଦ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଦେବାଶିଷ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ରମାକାନ୍ତ ମିଶ୍ର, ମନୋରଞ୍ଜନ ନନ୍ଦ, ପ୍ରେମାନନ୍ଦ ମହାପାତ୍ର, ଶାନ୍ତିଲତା ଦେବୀ ଓ ନିଶିକାନ୍ତ ପାଢୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଏକ କବିତା ଆସରର ଆୟୋଜନ କରାଯାଇଥିଲା।

## ■ ରାଜ୍ୟସ୍ତରୀୟ ମାନବାଧିକାର କର୍ମୀ ଶିବିର
# ବଢୁଛି ମାନବାଧିକାର ଉଲ୍ଲଂଘନ ଘଟଣା

**ଭୁବନେଶ୍ୱର,୨୬।୬(ବ୍ୟୁରୋ)**

ସମ୍ବିଧାନ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୌଳିକ ଅଧିକାର ଉପଭୋଗ କରିବା ପାଇଁ ସାମ୍ବିଧାନିକ ବିଧି ବ୍ୟବସ୍ଥା ଭିତରେ ସୁଯୋଗ ଦେଇଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ମାନବାଧିକାର ସୁରକ୍ଷା ରାଷ୍ଟ୍ରର ମୌଳିକ ଦାୟିତ୍ୱ। ହେଲେ ଦିନକୁ ଦିନ ସମାଜରେ ମାନବାଧିକାର ଉଲ୍ଲଂଘନ ଘଟଣା ବଢ଼ିବାରେ ଲାଗିଛି। ମାନବାଧିକାର କର୍ମୀମାନେ ବହୁମାତ୍ରାରେ ଆକ୍ରମଣର ଶିକାର ହେଉଛନ୍ତି ବୋଲି ଜଷ୍ଟିସ୍ ରଘୁବୀର ଦାସ କହିଛନ୍ତି। ବୁଧବାର ରେଡ୍‌କ୍ରସ ଭବନଠାରେ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ମାନବାଧିକାର କର୍ମୀଙ୍କ ତାଲିମ ଶିବିରକୁ ଉଦ୍‌ଘାଟନ କରି ଓଡ଼ିଶା ମାନବାଧିକାର ଆୟୋଗର କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ୍ ଦାସ ଏହା କହିଥିଲେ।

ମୁଖ୍ୟବକ୍ତା ଭାବେ ଓଡ଼ିଶା ସରକାରଙ୍କ ମାନବାଧିକାର ସୁରକ୍ଷା ସେଲ୍‌ର ନିର୍ଦ୍ଦେଶକ ଏସ୍.ଏମ୍. ନର୍ବାଣେ ଯୋଗଦେଇ ପୋଲିସ ମାନବାଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ଘରୋଇ ହିଂସା ନିରୋଧ ଆଇନ, କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ନିବାରଣ ଆଇନ, ଯୌତୁକ ବିରୋଧ ଆଇନ ଆଦି ଥିବା ସତ୍ତ୍ୱେ ଶତକଡ଼ା ୩୦ଭାଗ ମହିଳା ହିଂସାର ଶିକାର ହେଉଛନ୍ତି ବୋଲି ରାଜ୍ୟ ମହିଳା କମିଶନ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟର ଅଧ୍ୟକ୍ଷ ମନୋଜ ଜେନା ଅଧ୍ୟକ୍ଷତା କରି ମାନବାଧିକାର କର୍ମୀଙ୍କ ଭୂମିକା ଉପରେ କହିଥିଲେ। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟର ଆବାହକ ରାଜୀବ ପଟ୍ଟନାୟକ ସ୍ୱାଗତଭାଷଣ ଓ ଯୁଗ୍ମ ଆବାହକ ଇଂ. ଦୀପକ ମହାନ୍ତି ଧନ୍ୟବାଦ ଦେଇଥିଲେ। ପୋଲିସ ଅଧିକାରୀ ସଂଗ୍ରାମ ମହାପାତ୍ର, କ୍ଲାପ୍‌ର ଅଧ୍ୟକ୍ଷ ଡ. ବିକାଶ ଦାସ, ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ଶିକ୍ଷା ଅଧିକାର ଓ ମାନବାଧିକାର କର୍ମୀଙ୍କ ଭୂମିକା ସମ୍ପର୍କରେ କହିଥିଲେ।

# ଧଳାବାଘ 'ସମ୍ରାଟ' ଅସୁସ୍ଥ

**ବାରଙ୍ଗ,୨୬।୬(ଡି.ଏନ୍.ଏ.)**

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଅନ୍ୟତମ ଆକର୍ଷଣ ଧଳାବାଘ ସମ୍ରାଟ ଅସୁସ୍ଥ ହୋଇପଡ଼ିଛି। ତା'ର ପିଠି ବଙ୍କା ହୋଇରହିବା ସହ ସେ ଛୋଟେଇ ଛୋଟେଇ ଚାଲୁଛି। ଗତ ୩ମାସ ଧରି ଏହାର ନିରାକରଣ ଲାଗି ଡାକ୍ତରମାନେ ପ୍ରଚେଷ୍ଟା କରିଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନି, ଯାହାକି ନନ୍ଦନକାନନ ପାଇଁ ଚିନ୍ତାର ବିଷୟ ହୋଇଛି। ନନ୍ଦନକାନନ କର୍ତ୍ତୃପକ୍ଷ ଏ ବିଷୟରେ ଓୟୁଏଟି ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିବା ପରେ ସେଠାରୁ ଏକ ଟିମ୍ ଗୁରୁବାର ନନ୍ଦନକାନନ ଆସିବାକୁ କହିଛନ୍ତି। ଏହି ଟିମ୍ ସମ୍ରାଟର ସ୍ୱାସ୍ଥ୍ୟାବସ୍ଥା ପରଖି ଡାକ୍ତରଖାନାରେ ଏକ୍ସ-ରେ କରିବେ। ଏଥିପାଇଁ ତାକୁ ୩୩ନଂ. ଏନ୍‌କ୍ଲୋଜରରୁ ଡାକ୍ତରଖାନା ନେବା ପାଇଁ ବୁଧବାର ଅପରାହ୍ନରେ ପ୍ରାଣୀ ବିଭାଗ ପକ୍ଷରୁ ଉଦ୍ୟମ ହୋଇଥିଲା। ଏନ୍‌କ୍ଲୋଜରରୁ ଜନ୍ତାରେ ପୂରାଇବା ପାଇଁ କର୍ମଚାରୀମାନଙ୍କୁ ନାକେଦମ୍ ହେବାକୁ



ପଡ଼ିଥିଲା। ତଥାପି ସମ୍ରାଟ ଧରାଦେଇ ନ ଥିଲା। ଗୁରୁବାର ଏହାକୁ ଡାକ୍ତରଖାନା ଅଣାଯିବ ବୋଲି ଜଣାପଡ଼ିଛି। ସୂଚନାଥାଉ କି, ୨୦୧୦ ମାର୍ଚ୍ଚ ୧ରେ ନିଶାନ ଓ କୁସୁମ ଔରସରୁ ସମ୍ରାଟର ଜନ୍ମ। ୨୦୧୬ରେ ସାଧାରଣ ରଙ୍ଗର ବାଘୁଣୀ ରେଣୁକା ସହ ତା'ର ପ୍ରଥମ ମିଳନ ଘଟିଥିଲା। ହେଲେ ରେଣୁକା ଏକ ମୃତ ବିରଳ କଳାଲୋମଯୁକ୍ତ ଶାବକ ଜନ୍ମ ଦେଇଥିଲା। ଏହି ବିରଳ କଳାଲୋମଯୁକ୍ତ ଶାବକ ନନ୍ଦନକାନନ ପାଇଁ ଇତିହାସ ରଚିବାରେ ସହାୟକ ହୋଇଥିଲା। ପରେ ପୁଣି ୨୦୧୮ରେ ସେମାନଙ୍କ ମଧ୍ୟରେ ଦ୍ୱିତୀୟ ମିଳନ ଘଟି ରେଣୁକା ୨ଟି କଳାଲୋମଯୁକ୍ତ ଶାବକ କରିଥିଲା। ଆଉ ଏହା ନନ୍ଦନକାନନ ପାଇଁ ଗୌରବ ଆଣିଦେଇଥିଲା। ଏବେ ସମ୍ରାଟକୁ ୯ବର୍ଷ ୩ମାସ।

### ନନ୍ଦନକାନନ
- ■ କୃଷ୍ଣସାର ମୃଗ, କୁଜି ହରିଣ ଶାବକ ଜନ୍ମ
- ■ ମାଣ୍ଡାରିନ୍ ବତକ, ସନ୍ କନୁର ପକ୍ଷୀ ମୃତ

ସେପଟେ ନନ୍ଦନକାନନର ୬୬ନଂ. ଏନ୍‌କ୍ଲୋଜରରେ ଥିବା କୃଷ୍ଣସାର ମୃଗ ବୁଧବାର ଗୋଟିଏ ଶାବକ ଜନ୍ମ କରିଛି। ଫଳରେ ଏମାନଙ୍କ ସଂଖ୍ୟା ଏଠାରେ ୩୧କୁ ବୃଦ୍ଧିପାଇଛି। ସେଥିମଧ୍ୟରେ ୧୦ ମାଈ, ୧୦ ଅଣ୍ଡିରା ଥିବାବେଳେ ୧୨ଟିର ଲିଙ୍ଗ ନିରୂପଣ ହୋଇନାହିଁ। ସେହିପରି ୭୦ନଂ. ଏନ୍‌କ୍ଲୋଜରରେ ଥିବା କୁଜି ହରିଣ ମଧ୍ୟ ୨ଟି ଶାବକ ଜନ୍ମ କରିଛି। ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ୪୦ରେ ପହଞ୍ଚିଛି। ସେଥିମଧ୍ୟରେ ୧୭ ମାଈ, ୬ ଅଣ୍ଡିରା ଥିବାବେଳେ ୧୭ଟିର ଲିଙ୍ଗ ନିରୂପଣ ହୋଇନାହିଁ। ଅନ୍ୟପକ୍ଷରେ ବିହଙ୍ଗ ସରଣୀର ୭୭ନଂ. ଏନ୍‌କ୍ଲୋଜରରେ ବୁଧବାର ଏକ ମାଈ ମାଣ୍ଡାରିନ୍ ବତକର ମୃତ୍ୟୁ ଘଟିଛି। ଏହାର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ୧୪କୁ ହ୍ରାସ ପାଇଛି। ସେହିଭଳି ଏକ ସନ୍ କନୁର ପକ୍ଷୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

-ଏଡ୍‌ୱର୍ଥ



## ସଂକ୍ଷେପରେ

### ରକ୍ତାକ୍ତ ଅବସ୍ଥାରେ ମହିଳା ଉଦ୍ଧାର

ଚୌଦ୍ୱାର,୨୬।୬(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା କେଦାରେଶ୍ୱର ଗ୍ରାମର ଆଶା ନାୟକ ନାମ୍ନୀ ଜଣେ ମହିଳାଙ୍କୁ ରକ୍ତାକ୍ତ ଅବସ୍ଥାରେ ବୁଧବାର ପୋଲିସ ଉଦ୍ଧାର କରିଛି। ଅଭିଯୋଗ ଅନୁଯାୟୀ, ଆଶା ଓ ତାଙ୍କ ସ୍ୱାମୀ ଅନନ୍ତ ନାୟକ କେଦାରେଶ୍ୱରସ୍ଥିତ ଭଡ଼ାଘରେ ରହୁଥିଲେ। ବୁଧବାର ମଧ୍ୟାହ୍ନରେ ଓଟିଏମ୍ କଲୋନୀର ପିତାମ୍ବର ରାଉତ ଓ ତାଙ୍କ ସ୍ତ୍ରୀ ସଂଘମିତ୍ରା, ଅଜୟ କୁମାର ରାଉତ ମିଳିତଭାବେ ଆଶାଙ୍କ ଘରେ ପଶି ଆମ ପୁଅକୁ କାହିଁକି ରଖିଛୁ ବୋଲି କହି ତାଙ୍କୁ ମାଡ଼ ମାରିବା ସହ ଅନନ୍ତଙ୍କୁ ମଧ ମାଡ଼ମାରି ଥିଲେ। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚି ଆଶା ଓ ଅନନ୍ତଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଆଶାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ପୋଲିସ କହିଛି। ଆଶାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୧୯୬/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଏସ୍‌ଆଇ ତପସ୍ୱିନୀ କାନୁନ୍‌ଗୋ କହିଛନ୍ତି।

### ସେବା ମନୋବୃତ୍ତି ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

କଣ୍ଟାପଡ଼ା,୨୬।୬(ଡି.ଏନ୍.ଏ.): ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ଓ ପ୍ରଶିକ୍ଷଣ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଛାତ୍ରସଂଘର ୨୨ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠାନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ସୌମେନ୍ଦ୍ର ମୋହନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ସେବା ମନୋବୃତ୍ତି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଜେଏନ୍‌ୟୁର ପ୍ରଫେସର ନୀଳିକା ମେହେରୋତ୍ରା ସମ୍ମାନିତ ଅତିଥିଭାବେ ଯୋଗଦେଇ ନିରତାରର ସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ନିରତାରର ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. କିଶୋର ମାହପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରତାର ଛାତ୍ରସଂଘର ଉପଦେଷ୍ଟା ପ୍ରଫେସର ପତିତପାବନ ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ନିରତାର ଛାତ୍ରସଂଘ ସଭାପତି ସରୋଜ କୁମାର କର ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ପ୍ରକାଶ ରଞ୍ଜନ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରସଂଘର ମୁଖପତ୍ର 'ନୀରନ୍ତର'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ।

### ଡ୍ରିମ୍‌ସ ପ୍ରାଧ୍ୟାପକଙ୍କ ବିୟୋଗ

କଟକ ଅଫିସ,୨୬।୬- ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ ଗଣିତ ବିଭାଗର ପ୍ରାଧ୍ୟାପକ ଡ. ସ୍ୱରଜିତ୍ ବାରିକ (୪୯)ଙ୍କର ବୁଧବାର ବିୟୋଗ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସକାଳ



ପ୍ରାୟ ୭.୩୦ରେ ସେ ବାଇକ୍‌ରେ ଛତ୍ରବଜାର ରାସ୍ତାରେ ଫେରୁଥିଲାବେଳେ ମାତୃଭବନ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ସାମାନ୍ୟ ଆହତ ହୋଇଥିଲେ। ଅନ୍ୟଜଣେ ପରିଚିତ ବ୍ୟକ୍ତିଙ୍କ ସହାୟତାରେ ମଧୁପାଟଣା ଛକ ନିକଟରେ ଥିବା ଏକ ଦୋକାନକୁ ଯାଇ ଔଷଧ କିଣୁଥିଲାବେଳେ ହଠାତ୍ ସେଠାରେ ଟଳି ପଡିଥିଲେ। ତାଙ୍କ ମୁଣ୍ଡ ଫାଟିଯିବାରୁ ପ୍ରଚୁର ରକ୍ତ ସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହକୁ କଟକର ଅନ୍ୟ ଶିକ୍ଷାନୁଷ୍ଠାନ ଓ ପରେ 'ଡ୍ରିମ୍‌ସ'କୁ ନିଆଯାଇଥିଲା। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧକ୍ଷ ଡ. ରାଜେନ୍ଦ୍ର କୁମାର ଦାସ, ଶିକ୍ଷାବିତ୍ ଉତ୍କଳ ରଞ୍ଜନ ଦାସ, ଡ. ନିରଞ୍ଜନ ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତା, ଅଧାପିକାଅଧାପକ ଓ ଶତାଧିକ ଛାତ୍ରୀଛାତ୍ର ଶବାଧାରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମରଶରୀରକୁ କଟକ ନୂଆବଜାରସ୍ଥିତ ବାସଭବନ ଏବଂ ସେଠାରୁ ଖାନନଗରର ସ୍ୱର୍ଗଧାମ ଶ୍ମଶାନ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପ୍ରାଧ୍ୟାପକ ଡ. ବାରିକଙ୍କ ଅକାଳ ବିୟୋଗରେ 'ଡ୍ରିମ୍‌ସ'ର ପ୍ରତିଷ୍ଠାତା ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଜଣେ ଆଦର୍ଶ ତଥା ଯୁବ ଅଧାପକ ଭାବରେ ଡ. ବାରିକ ସବୁରି ଶ୍ରଦ୍ଧାଭାଜନ ଥିଲେ।

# ଖାଲଖମାରେ ବାଙ୍କୀ-ଅନୁଆରୀ ରାସ୍ତା

ବାଙ୍କୀ,୨୬।୬(ସ୍ୱ.ପ୍ର.)



ବାଙ୍କୀ-ଅନୁଆରୀ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଛି।

- ■୬ଖଣ୍ଡ ବସ୍ ଚଳାଚଳ କରୁଛି
- ■ଖରାପ ରାସ୍ତାଯୋଗୁ ଦୁର୍ଘଟଣା ଆଶଙ୍କା
- ■ବିଭାଗ ପକ୍ଷରୁ ନିଆଯାଉନାହିଁ ପଦକ୍ଷେପ

କଟକ ଜିଲ୍ଲା ବାଙ୍କୀ ପୂର୍ତ୍ତ ବିଭାଗ ଅଧୀନ ବାଙ୍କୀ -ଅନୁଆରୀ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଫଳରେ ଯିବା ଆସିବା କ୍ଷେତ୍ରରେ ନାନା ସମସ୍ୟା ସୃଷ୍ଟି ହେଉଛି । ସରକାର ଗ୍ରାମାଞ୍ଚଳରେ ଥିବା ରାସ୍ତାଗୁଡିକ ମରାମତି ପାଇଁ କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଥିବା ବେଳେ ବାଙ୍କୀର ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା ନିର୍ମାଣ ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ରାସ୍ତା ସାରା ଖାଲଖମାରେ ପୂରିଯିବା ଯୋଗୁ ଯାତାୟାତରେ ବହୁ ସମସ୍ୟା ସୃଷ୍ଟି ହେଉଛି। ମାତ୍ର ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ବର୍ଷ ବର୍ଷ ଧରି ଏହି ରାସ୍ତା ମରାମତି ନ ହେବା ଫଳରେ ରାସ୍ତାରେ ଏବେ ଯିବା ଆସିବା କରିବା ସମ୍ଭବ ହେଉନାହିଁ । ସୂଚନାଯୋଗ୍ୟ, ରାସ୍ତା ଉପରେ ପଶ୍ଚିମବାଙ୍କୀ ଅଞ୍ଚଳର ବୈଦ୍ୟେଶ୍ୱର, ଅନୁଆରୀ, ବୋତଲମା, ବରପୁଟ, କିଆପଲ୍ଲୀ, କେନ୍ଦୁପଲ୍ଲୀ, ଜଗନ୍ନାଥପୁର, କାଳିପୋଇ, ବଳଭଦ୍ରପୁର, ବ୍ରହ୍ମପୁରା, ନୂଆଗାଁ, ପୁଇଁଚା ପଞ୍ଚାୟତ ସମେତ ନୟାଗଡ ଜିଲାର କରବର ଓ ପଦ୍ମାବତୀ ପଞ୍ଚାୟତର ବହୁ ଲୋକ ନିର୍ଭର କରନ୍ତି । ଏହି ବାଟ ଦେଇ ସ୍ଥାନୀୟ ଲୋକ ଖୁବ୍ କମ ସମୟ ମଧ୍ୟରେ କଟକ,ବାଙ୍କୀ ସମେତ ଭୁବନେଶ୍ୱର ମୁଖ୍ୟ ରାସ୍ତାରେ ପହଞ୍ଚିପାରିବେ । ମାତ୍ର ବର୍ଷ ବର୍ଷ ଧରି ରାସ୍ତା ନିର୍ମାଣ ନ ହେବା ଯୋଗୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗମନାଗମନ ଦୃଷ୍ଟିରୁ ଏହି ରାସ୍ତାରେ ୬ଟି ଯାତ୍ରୀବାହୀ ବସ୍ ଚଳାଚଳ କରୁଛି । ମାତ୍ର ରାସ୍ତା ଖରାପ ଯୋଗୁ ଅନେକ ସମୟରେ ଦୁର୍ଘଟଣାର ଆଶଙ୍କା ରହିଛି। ସେହିପରି ବରପୁଟରୁ ବ୍ରହ୍ମପୁରାକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତାଟି ଗତ ୬ ବର୍ଷ ତଳେ ନିର୍ମାଣ କରାଯାଇଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁ ଏବେ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। କିନ୍ତୁ ବିଭାଗ ପକ୍ଷରୁ ରାସ୍ତାର ନିର୍ମାଣ ପ୍ରତି ଦୃଷ୍ଟି ଦିଆ ଯାଉନାହିଁ। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।

ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ନାୟକ କହିଛନ୍ତି, ରାସ୍ତାପାଇଁ ଟେଣ୍ଡର ଡକାଯାଉଛି।ରାସ୍ତାକୁପୂର୍ଣ୍ଣାଙ୍ଗ କରିବା ପାଇଁ ଖାଲଢ଼ିପାଗୁଡ଼ିକୁ ଅସ୍ଥାୟୀଭାବେ ମରାମତି କରାଯିବାର ବ୍ୟବସ୍ଥା କରାଯାଉଛି।

# ମରଣାନ୍ତକ ଆକ୍ରମଣ ଅଭିଯୁକ୍ତଙ୍କୁ ଜେଲ ଦଣ୍ଡାଦେଶ

ଆଠଗଡ,୨୬।୬(ସ୍ୱ.ପ୍ର.)

ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ଗୋବରା ଗ୍ରାମରେ ୨୦୧୫ରେ ଘଟିଥିବା ଏକ ମରଣାନ୍ତକ ଆକ୍ରମଣ ଘଟଣାର ବୁଧବାର ଶୁଣାଣି ହୋଇଛି। ଆଠଗଡ ଅତିରିକ୍ତ ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୋଗର ଶୁଣାଣି କରି ଅଭିଯୁକ୍ତଙ୍କୁ ୩ବର୍ଷ ୬ମାସ କାରାଦଣ୍ଡାଦେଶ ସହ ୩ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ସୂଚନାଯୋଗ୍ୟ, ୨୯ଏପ୍ରିଲ ୨୦୧୫ରେ ଗୋବରା ଗୋଡିସାହିର କୃଷ୍ଣ ଦେହୁରୀ କାମ ସାରି ଘରକୁ ଫେରୁଥିଲେ।

ସେହି ସମୟରେ ସେହି ଗ୍ରାମର ଶରତ ଦେହୁରୀ, ଶିବ ଦେହୁରୀ, ଅଜୟ ଦେହୁରୀ ପ୍ରମୁଖ କୃଷ୍ଣଙ୍କ ଘର ଆଗରେ ଗାଳିଗୁଲଜ କରୁଥିଲେ । କୃଷ୍ଣ ଓ ତାଙ୍କ ଭାଇ ବିଷ୍ଣୁ କାହାକୁ ଗାଳି ଗୁଲଜକରୁଛ ବୋଲି ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଶରତ ଏକ ଫାର୍ସାରେ କୃଷ୍ଣ ଓ ବିଷ୍ଣୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏ ସମ୍ପର୍କରେ କୃଷ୍ଣଙ୍କ ପକ୍ଷରୁ ଗୁରୁଡିଝାଟିଆ ଥାନାରେ ମାମଲା ଦାଏର କରାଯାଇଥିଲା । ଗୁରୁଡିଝାଟିଆ ପୋଲିସ ଏନେଇ ମାମଲା (ନଂ-୧୭୮/୧୫)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ଆଠଗଡ ଏସଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲେ। ଏହି ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ରହିଥିଲା। ବିଚାର ପ୍ରକ୍ରିୟା ଜାରି ରହିଥିବା ବେଳେ ଅଭିଯୁକ୍ତ ଶରତ ଜମାନବନ୍ଦୀ ସମୟରେ ଅନୁପସ୍ଥିତ ଥିବାରୁ ତାଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା । ୧୭ ଜୁନରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତରେ ହାଜର କରାଯାଇଥିଲା। ବୁଧବାର ଏହି ଅଭିଯୋଗରେ ଶରତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଦଣ୍ଡାଦେଶ ଦିଆଯାଇଛି। ଜରିମନା ଅନାଦେୟ ଅଧିକ ୬ମାସ କାରାଦଣ୍ଡାଦେଶ ହୋଇଛି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ରଞ୍ଜନ କୁମାର ନାୟକ ଓ ଅଭିଯୁକ୍ତଙ୍କ ପକ୍ଷରୁ ଗୋପ ରଞ୍ଜନ ପ୍ରଧାନ ମାମଲା ପରିଚାଳନା କରୁଥିଲେ।

■ ଶହୀଦଙ୍କ ଉପରେ ଦଳୀୟ ପତାକା ପକାଇବାକୁ ନିନ୍ଦା

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ସ୍ମାରକପତ୍ର



ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

ଆଠଗଡ,୨୬।୬(ସ୍ୱ.ପ୍ର.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ଅଜିତ କୁମାର ସାହୁ ନିକଟରେ କଶ୍ମୀର ଫୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଛନ୍ତି । ତାଙ୍କ ପାର୍ଥିବ ଶରୀର ପୈତୃକ ଗ୍ରାମକୁ ଯିବା ସମୟରେ ଆଠଗଡ ବ୍ଲକ ଅନ୍ତର୍ଗତ ଖୁଣ୍ଟୁଣୀ ବଜାରଠାରେ କେତେଜଣ ବିଜେଡି କର୍ମୀ ତାଙ୍କ ମରଶରୀର ଉପରେ ଦଳୀୟ ପତାକା ପକାଇଥିଲେ । ଏହାଦ୍ୱାରା ଶହୀଦଙ୍କ ପ୍ରତି ଅପମାନ ହୋଇଥିବା ଅଭିଯୋଗ ହୋଇଛି । ପ୍ରତିବାଦ ସ୍ୱରୂପ ଆଠଗଡ ଭାଜପା ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଗଣମାଧ୍ୟମ ଆଗରେ ସମ୍ପୃକ୍ତ ବିଜେଡି କର୍ମୀମାନଙ୍କୁ ନିନ୍ଦା କରାଯାଇଛି। ପରେ ବ୍ରଜେନ୍ଦ୍ର ରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆଠଗଡ ଉପଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ସ୍ମାରକପତ୍ର ପ୍ରଦାନ ସମୟରେ କଟକ ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ବିକ୍ରମ ଦାଶ, ସନ୍ତୋଷ ବେହେରା, ରଞ୍ଜନ ସେନାପତି, ମହେଶ୍ୱର ଲେଙ୍କା ପ୍ରଦୀପ ମହାପାତ୍ର ଓ ସୋମନାଥ ବେହେରା ସମେତ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ ।

### ନେତାଜୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

କଟକ ସଦର,୨୬।୬(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଧୀନ ଦେଓପୁରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ବୁଧବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ସୀତକାନ୍ତ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଖୁସାଲ ଦାସ ଜଗଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଇନଜୀବୀ ବୈଦ୍ୟନାଥ ବେହେରା ସ୍ୱାଗତ ଭାଷଣ, ଶିକ୍ଷକ ବିଶ୍ୱନାଥ ରଥ ସ୍କୁଲର ସଫଳତା ସମ୍ପର୍କରେ ସୂଚନା ଓ ଶିକ୍ଷୟିତ୍ରୀ ରେଜିୟା ଖାତୁନ ଧନ୍ୟବାଦ ଦେଇଥିଲେ। ଛାତ୍ରୀ ଫାତିମା ପରବିନ ଓ ଛାତ୍ର ଜ୍ଞାନଜ୍ୟୋତି ରାଉତ ଶିକ୍ଷାଦାନ ସମ୍ପର୍କରେ କହିଥିଲେ।

### ଜଳିଗଲା ୨ ବଖରା



ନିଶ୍ଚିନ୍ତକୋଇଲି, ୨୬।୬ (ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ପଞ୍ଚାୟତ ଅନ୍ତର୍ଗତ ଗୋପପୁର ଗ୍ରାମର ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡରେ ୨ ବଖରା ଜଳିଯାଇଛି। ଏଥିରେ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁରେ ତାଙ୍କ ଘରର ସମସ୍ତ ଆସବାବପତ୍ର ସମେତ ଖାଦ୍ୟ ଶସ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ନଷ୍ଟ ହୋଇଯାଇଛି। ଅପରାହ୍ନ ସମୟରେ ହଠାତ୍ ଏହି ଅଗ୍ନିକାଣ୍ଡ ଘଟି ଘରର ଚର୍ତୁଃପାର୍ଶ୍ୱକୁ ବ୍ୟାପି ଯାଇଥିବା ବେଳେ ଏହାର କାରଣ ଅସ୍ପଷ୍ଟ ରହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ବିପନ୍ନଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିଲା। ତୁରନ୍ତ ବେହେରାଙ୍କ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବା ସହ ଗୃହ ନିର୍ମାଣ ଯୋଜନାରେ ପକ୍କାଘର ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ୧ ମାସରେ ୬ହଜାର ପାଇଖାନା ନିର୍ମାଣ ଟାର୍ଗେଟ୍

କଟକ ସଦର,୨୬।୬(ଡି.ଏନ୍.ଏ.)

ସ୍ୱଚ୍ଛ ଭାରତ ଅଭିଯାନରେ କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ୧୯,୩୧୬ ପାଇଖାନା ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ୫ ବର୍ଷ ମଧ୍ୟରେ ଏହି ଲକ୍ଷ୍ୟ ପୂରଣ ହୋଇପାରି ନ ଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ତେଣୁ ଆସନ୍ତା ୧ ମାସ ମଧ୍ୟରେ ବାକିଥିବା ୬୦୦୦ ପାଇଖାନା ନିର୍ମାଣ କାମ ସାରିବା ପାଇଁ ବ୍ଲକ କର୍ମଚାରୀମାନଙ୍କୁ ଟାର୍ଗେଟ୍ ଦିଆଯାଇଛି। ବର୍ଷାଦିନ ଆସି ଯାଇଥିବାରୁ ଇଟା ସହ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀର ଅଭାବ ଟାର୍ଗେଟ୍ ପୂରଣରେ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଥିବା ଜଣାପଡିଛି। ମଙ୍ଗଳବାର ବିଡିଓ ଦେବାଶିଷ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜୁଲାଇ ଶେଷ ସୁଦ୍ଧା ଟାର୍ଗେଟ୍ ପୂରଣ ପାଇଁ ଉପସ୍ଥିତ କର୍ମଚାରୀମାନଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। କାରଣ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମବାର୍ଷିକୀ ପାଳନ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ଉଦ୍‌ଯାପିତ ହେବ ବୋଲି ଅକ୍ଟୋବର ୨ ତାରିଖରେ ପ୍ରଧାନମନ୍ତ୍ରୀ ଘୋଷଣା କରିବା କାର୍ଯ୍ୟକ୍ରମ ରହିଥିବା ସରକାରୀ ନିର୍ଦ୍ଦେଶନାମାରୁ ଜଣାପଡିଛି। ୨୦୧୪ରେ ମୋଟ୍ ୨୭,୪୯୭ ପରିବାର ବସବାସ କରୁଥିବା ସର୍ଭେ କରାଯାଇଥିଲା। ସେଥିମଧ୍ୟରୁ ୮,୧୮୧ ପରିବାରର ନିଜସ୍ୱ ପାଇଖାନା ଥିବା ଜଣାପଡିଥିଲା। ଏହାପରଠାରୁ ପାଇଖାନା ନିର୍ମାଣକୁ ପ୍ରୋତ୍ସାହନ ଦେବା ଲାଗି ପଞ୍ଚାୟତସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। ହେଲେ ଏହି କାର୍ଯ୍ୟକ୍ରମରେ ସେତେଟା ଅଗ୍ରଗତି ଲକ୍ଷ୍ୟ କରାଗଲାନାହିଁ। କାରଣ ପାଇଖାନା ନିର୍ମାଣ ପରେ ଅନେକଙ୍କୁ ୧୨ ହଜାର ଟଙ୍କାର ବିଲ୍ ପଇଠରେ ଟାଳଟୁଳ ନୀତି ଅବଲମ୍ବନ କରାଯାଇଥିଲା। ଯାହା ପରବର୍ତ୍ତୀ କାଳରେ ପ୍ରଶାସନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା।

# ରେଳ ଷ୍ଟେଶନରେ ସଚେତନତା କାର୍ଯ୍ୟକ୍ରମ

କଟକ ଅଫିସ,୨୬।୬

କଟକ ରେଳ ଷ୍ଟେଶନ ପରିସରରେ ଆରପିଏଫ୍ ପକ୍ଷରୁ ନିଶା ନିବାରଣ ନେଇ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପ୍ରବୀଣ କୁମାରଙ୍କ ନେତୃତ୍ୱରେ ବିଭିନ୍ନ ପୋଲିସ ଅଧିକାରୀ, କର୍ମଚାରୀ ଷ୍ଟେଶନରେ ଯାତ୍ରୀମାନଙ୍କୁ ନିଶା ସେବନର କୁପ୍ରଭାବ ସମ୍ପର୍କରେ ବୁଝାଇଥିଲେ। ନିଶା ସେବନ ଯୋଗୁ ଅପରାଧ ବଢୁଛି ବୋଲି ମଧ କୁହାଯାଇଥିଲା।




ରେଳଷ୍ଟେଶନରେ ନିଶା ନିବାରଣ ନେଇ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

# 'ଯେତେବେଳେ ଯାହା ମୁଣ୍ଡକୁ ଜୁଟିଲା' ପୁସ୍ତକ ଉନ୍ମୋଚିତ

କଟକ ଅଫିସ,୨୬।୬

ବ୍ୟଙ୍ଗ କେବଳ ହସାଏ ନାହିଁ। ବ୍ୟଙ୍ଗରେ ବି ଜୀବନର ମରମ କଥା ବର୍ଣ୍ଣନା କରାଯାଇପାରେ। ବିପ୍ଳବର ଧାରା ଓ ସମ୍ବେଦନଶୀଳତାକୁ ନେଇ ଯେ ବ୍ୟଙ୍ଗ କବିତା ଲେଖିପାରନ୍ତି ସେ ହେଲେ କବି ଜ୍ଞାନ ହୋତା। ଜ୍ଞାନ ହୋତାଙ୍କ ପୁସ୍ତକ 'ଯେତେବେଳେ ଯାହା ମୁଣ୍ଡକୁ ଜୁଟିଲା'ର ଉନ୍ମୋଚନ ଉତ୍ସବରେ ଯୋଗଦେଇ ଅତିଥିମାନେ ମନ୍ତବ୍ୟ ଦେଇଛନ୍ତି। ଚହଟାସ୍ଥିତ ଗାୟତ୍ରୀ ମନ୍ଦିରରେ ମଙ୍ଗଳବାର ସନ୍ଧ୍ୟାରେ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଡ. ଅମୀୟ ରଞ୍ଜନ ମହାପାତ୍ର ଅଧକ୍ଷତା କରିଥିଲେ। କବି ଶୈଳଜ ରବି, ଡ. ନଟବର ଶତପଥୀ, ଡ.ହୁସେନ ରବି ଗାନ୍ଧୀ, ଡ. ବାବାଜି ଚରଣ ପଟ୍ଟନାୟକ, ଡ.ସରୋଜିନୀ ଷଡ଼ଙ୍ଗୀ ଅତିଥିଭାବେ ଯୋଗ ଦେଇଥିଲେ। ପୁସ୍ତକରେ ଥିବା କବିତା ମୁଁ ଝିଅର ବାପା, ମା' ତୁ ସର୍ବସଂହା, ମୋ ପ୍ରିୟ ସହର କଟକ, ତୁମେ ଆସନା ଆସନା ଗାନ୍ଧୀ ଉତ୍ସବରେ ବେଶ୍ ପ୍ରଶଂସିତ ହୋଇଥିଲା। କବି ହୋତାଙ୍କ ବିଭିନ୍ନ ମଞ୍ଚ ଓ କାର୍ଯ୍ୟକ୍ରମରେ ଆଦୃତ କବିତାକୁ ସଂଗ୍ରହ କରି ପୁସ୍ତକ ପ୍ରସ୍ତୁତ କରିଥିବା ସୌଦାମିନୀ ହୋତାଙ୍କୁ କୃତଜ୍ଞତା ଜଣାଯାଇଥିଲା। ଡ. ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ କବି ହୋତାଙ୍କ ବିଭିନ୍ନ କବିତାକୁ ନେଇ ଗୀତ ପରିବେଷଣ କରିଥିଲେ। ଶେଷରେ ଦୀପ୍ତି ଦାସ ଧନ୍ୟବାଦ ଦେଇଥିଲେ।

# କାଠ ବୋଝେଇ ଟ୍ରକ୍ ଜବତ

ଆଠଗଡ,୨୬।୬(ସ୍ୱ.ପ୍ର.)

ଆଠଗଡ ବନ ବିଭାଗ ପକ୍ଷରୁ ବୁଧବାର ସକାଳୁ ସ୍ଥାନୀୟ କନ୍ଦରପୁରଠାରେ ଏକ କାଠ ବୋଝେଇ ଟ୍ରକ ଜବତ କରାଯାଇଛି। କନ୍ଦରପୁର ସୁରକ୍ଷିତ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ୟୁକାଲିପଟାସ କାଠ କଟାଯାଇ ମଙ୍ଗଳବାର ରାତିରେ ଟ୍ରକ (ନଂ-ଓ.ଆର.୦୨.ପି) ଯୋଗେ ଚାଲାଣ ହେଉଥିଲା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଥିଲା। ପରେ ଗ୍ରାମବାସୀଙ୍କ ପକ୍ଷରୁ ବନ ବିଭାଗରେ ଖବର ଦିଆଯାଇଥିଲା। ସଦର ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ସଦଳବଳ ପହଞ୍ଚି ଗାଡିକୁ ଜବତ କରିଥିଲେ। ଏହି ଘଟଣାରେ ଅଦ୍ୟାବଧି କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ।

# ଗୋଚର ଜମିରେ ବାଲି ଜମାକୁ ଗ୍ରାମବାସୀଙ୍କ ବିରୋଧ

କଟକ ସଦର,୨୬।୬(ଡି.ଏନ୍.ଏ.)

କିଶନନଗର ତହସିଲ ଅନ୍ତର୍ଗତ ଉତ୍ତରକୂଳ ଆର୍‌ଆଇ ସର୍କଲର ଦୁଲୁପୁର ଗ୍ରାମର ଏକ ଗୋଚର ଜମିକୁ ଜବରଦଖଲ କରାଯାଇ ବାଲି ଜମା କରାଯାଉଛି। ଏହା ପ୍ରତିବାଦରେ ସୋମବାର ଦୁଲୁପୁର ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ବାଲି ଜମା ହେବା ଦ୍ୱାରା ଗୋରୁ ଚରିବା ପାଇଁ ଅସୁବିଧାର ସମ୍ମୁଖୀନ ହେବା ସହ ଲୋକମାନଙ୍କ ଚଳପ୍ରଚଳରେ ବାଧା ସୃଷ୍ଟି ହେଉଛି। ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତହସିଲଦାରଙ୍କୁ ଅନୁରୋଧ କରାଯାଇଛି। ନ ହେଲେ ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ତହସିଲର ବିଭିନ୍ନ ଅଞ୍ଚଳର ଗୋଚର ଜମିକୁ ଜବରଦଖଲ କରାଯାଇ ବିଭିନ୍ନ ନିର୍ମାଣ କରାଯିବା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ତଦନ୍ତ କରି ରିପୋର୍ଟ ଦେବା ପାଇଁ କୁହାଯାଇଛି ବୋଲି ତହସିଲଦାର ସୁଚେତା ମହାପାତ୍ର କହିଛନ୍ତି।

# ଭାଇଚାରା ବଜାୟ ରଖିବାକୁ ମନ୍ତ୍ରୀଙ୍କ ଆହ୍ୱାନ

ନିଶ୍ଚିନ୍ତକୋଇଲି, ୨୬।୬
(ସ୍ୱ.ପ୍ର./ଡି.ଏନ୍.ଏ.)



ଇଦ୍ ମିଳନ ଉତ୍ସବରେ ମଞ୍ଚାସୀନ ଅତିଥି।

## ଇଦ୍ ମିଲନ୍

ନିଶ୍ଚିନ୍ତକୋଇଲି ବ୍ଲକ ସଂଖ୍ୟାଲଘୁ କମିଟି ଆନୁକୂଲ୍ୟରେ ତହସିଲ ଛକ ନିକଟରେ ବୁଧବାର ଇଦ୍ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମିର୍ଜା ଅବୁଲ ବେଗ୍ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ, ଆଇନ ଓ ନଗର ଉନୟନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ରାଜ୍ୟରେ ଭାଇଚାରା ପ୍ରତିଷ୍ଠା କରିବା ପାଇଁ ଆହ୍ୱାନ ଦେଇଥିଲେ। ଉତ୍ସବରେ ସେ ମୁସଲମାନ ଭାଇମାନଙ୍କୁ ସ୍ୱାଗତ ଓ ବଧେଇ ଜଣାଇଥିଲେ। ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ଜନ କଲ୍ୟାଣ ଯୋଜନା ହାତକୁ ନିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତାଭାବେ କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ଆୟୁବ ଖାଁ ଯୋଗଦେଇ ସଂଖ୍ୟାଲଘୁ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୌଲାନା ଜଲାଲ ସାହବ, ମୌଲାନା ନକିବୁଲ ଅମିନ ବର୍କୀ, ମୌଲାନା ଫୟାଜ ଆଲାମ ଓ ମୌଲାନା ଅବଦୁଲ ୱାଦୁତ ପ୍ରମୁଖ ଯୋଗଦେଇ ଇଦ୍ ମିଳନ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜାକିର ଖାଁ ସ୍ୱାଗତ ଭାଷଣ ଓ ଶେଷରେ ସୟଦ ନାୟର ଫାୟାକ୍ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ମଞ୍ଚାସୀନ ଅତିଥିଙ୍କୁ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇ କବାଲି ଓ ସାୟରୀ ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସବିତା ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଅଶୋକ ଓଝା, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ମହାପାତ୍ର,ଜିଲା ପରିଷଦ ସଭ୍ୟା ସବିତା ସାମଲ ଓ ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ଜୁନ୍, ୨୦୧୯



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର ।

-ଏଡ୍‌ୱର୍ଥ



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ବୋଲଗଡ଼,୨୬।୬(ଡି.ଏନ.ଏ.)-** ବୋଲଗଡ଼ ଥାନା ଅନ୍ତର୍ଗତ ଡାବରଧୁଆ ଗ୍ରାମସ୍ଥିତ ଏକ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ବୁଧବାର ଅପରାହ୍ନରେ ମୃତ୍ୟୁ ଘଟିଛି। ମୃତା ମହିଳା ହେଉଛନ୍ତି ଉକ୍ତ ଗ୍ରାମର ନୃସିଂହ ଚୌଧୁରୀଙ୍କ ସ୍ତ୍ରୀ ହେମଲତା(୫୮)। ଘଟଣାରୁ ପ୍ରକାଶ, ହେମଲତା ଗାଧୋଇବାକୁ ଯାଇଥିବାବେଳେ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜିଥିଲେ। ଖୋଜାଖୋଜି କରିବା ପରେ ତାଙ୍କୁ ପୋଖରୀ ଜଳରେ ଭାସୁଥିବାର ଦେଖି ଲୋକେ ବୋଲଗଡ଼ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତେବେ କର୍ମଚାରୀମାନେ ଉଦ୍ଧାର କଲାବେଳକୁ ହେମଲତାଙ୍କ ମୃତ୍ୟୁ ହୋଇସାରିଥିବା ଜଣାପଡ଼ିଛି।

### ଦୁଇ ବ୍ୟବସାୟୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ : ୭ ଆହତ



**ଖୋର୍ଦ୍ଧା ଅଫିସ,୨୬।୬:** ପଥର ବ୍ୟବସାୟକୁ ନେଇ ଦୁଇ ଗାଡି ବ୍ୟବସାୟୀଙ୍କ ଗୋଷ୍ଠୀ ମଧ୍ୟରେ ଜଙ୍କିଆ ଥାନାର ହଜ ଓ ଛଣଗିରିଠାରେ ବୁଧବାର ଭିନ୍ନ ଭିନ୍ନ ସମୟରେ ମାରପିଟ୍ ହୋଇ ଉତ୍ତେଜନା ସୃଷ୍ଟି ହୋଇଛି। ଏଥିରେ ଉଭୟଗୋଷ୍ଠୀର ୭ଜଣ ଆହତ ହୋଇଛନ୍ତି। ଦୁଇଟି ଗାଡି ଭଙ୍ଗାରୁଜା ହୋଇଛି। ପୋଲିସ ଦୁଇ ଭଙ୍ଗାରୁଜା ଗାଡିକୁ ଜବତ କରି ଥାନାକୁ ଆଣିଛି। ଅନ୍ୟପକ୍ଷେ ଉଭୟପକ୍ଷର ୭ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ନୟାଗଡ ଜିଲାର ରଣପୁର ଅଞ୍ଚଳର ବେଆଇନ ଖଣି ଖନନର ପଥରକୁ ଚାଲାଣକୁ ନେଇ ଏହି ବିବାଦ ଘନୀଭୂତ ହେବାରେ ଲାଗିଥିବା ଚର୍ଚ୍ଚା ହେଉଛି।

### ନବନିଯୁକ୍ତ ବିଚାରପତିଙ୍କୁ ସ୍ୱାଗତ

**ଟାଙ୍ଗୀ(ଖୋର୍ଦ୍ଧା),୨୬।୬ (ଡି.ଏନ୍.ଏ.)-** ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭାବେ ଯୋଗଦେଇଥିବା ଜ୍ୟୋର୍ତିମୟୀ ଦାସଙ୍କୁ ଟାଙ୍ଗୀ ଓକିଲ ସଂଘ ତରଫରୁ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘ ସଭାପତି ନକୁଳ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ସ୍ୱସ୍ତିକ ରଥ ଓ ସଭ୍ୟା/ସଭ୍ୟମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଓକିଲ ସଂଘର ୨ ଜଣ ଓକିଲଙ୍କ ପ୍ରତି ଆକ୍ରମଣ ବିରୋଧରେ ପ୍ରତିବାଦ ନେଇ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନିଷ୍ପତ୍ତି ଅନୁସାରେ ଗୁରୁବାର କୋର୍ଟ କାର୍ଯ୍ୟରେ ଓକିଲମାନେ ଅନୁପସ୍ଥିତ ରହିବେ ବୋଲି ସମ୍ପାଦକ ରଥ ସୂଚନା ଦେଇଛନ୍ତି ।

### ଆରମ୍ଭ ହେଲା ୧୦୮ ଆମ୍ବୁଲାନ୍ସ ସେବା

**ନିରାକାରପୁର, ୨୬।୬(ଡି.ଏନ୍.ଏ.)-** ଦୀର୍ଘଦିନର ଦାବି ପରେ ନିରାକାରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ଏହି ଚିକିତ୍ସା କେନ୍ଦ୍ର ଉପରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ନିର୍ଭର କରନ୍ତି। ତେବେ ପୂର୍ବରୁ ଆମ୍ବୁଲାନ୍ସର ସୁବିଧା ନ ଥିବାରୁ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି, ପ୍ରସୂତି ଓ ଅନ୍ୟାନ୍ୟ ଆଶୁ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନେ ହଇରାଣ ହେଉଥିଲେ। ନୂଆ ଜଗନ୍ନାଥ ସଡକ ଓ ରେଳଷ୍ଟେଶନ ନିକଟରେ ମଧ ଦୁର୍ଘଟଣାଗ୍ରସ୍ତ ଓ ଅନ୍ୟାନ୍ୟ ଗୁରୁତର ରୋଗୀ ମଧ୍ୟ ଅଧିକ ଚିକିତ୍ସା ନିମନ୍ତେ ଖୋର୍ଦ୍ଧା ମେଡ଼ିକାଲରେ ପହଞ୍ଚିପାରିବା ନେଇ ଆଶା ପ୍ରକାଶ ପାଇଛି।

### ଦିବଂଗତ କର୍ମଚାରୀଙ୍କ ସ୍ମୃତିଚାରଣ

**ନିରାକାରପୁର,୨୬।୬ (ଡି.ଏନ୍.ଏ.)-** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ବୁଧବାର ଦିବଂଗତ ପୂର୍ବତନ କର୍ମଚାରୀଙ୍କ ସ୍ମୃତିଚାରଣ ଆୟୋଜିତ ହୋଇଛି। ରସାୟନ ବିଜ୍ଞାନ ବିଭାଗର ପୂର୍ବତନ ଅଧ୍ୟାପକ ପଦ୍ମ ଚରଣ ପାହାଡସିଂହ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ପୂର୍ବତନ ବିଜ୍ଞାନଗାର ସହାୟକ ବ୍ରଜ କିଶୋର ସାମନ୍ତରାୟଙ୍କ ପରଲୋକରେ ମହାବିଦ୍ୟାଳୟ ତରଫରୁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ସ୍ୱଳ୍ପ ବର୍ଷା, ଚାଷୀ ନିରାଶ

■ ଜମିରେ ଉଜୁଡ଼ି ଯାଉଛି ତଳି

■ ସ୍ଥାୟୀ ଜଳସେଚନର ବ୍ୟବସ୍ଥା ନାହିଁ

**ବେଗୁନିଆ,୨୬।୬(ଡି.ଏନ.ଏ.)**

ଚାଷୀଙ୍କ ଚାଷ କାର୍ଯ୍ୟ ପାଇଁ ସ୍ଥାୟୀ ଜଳସେଚନର ବ୍ୟବସ୍ଥା ଏଯାଏ ବେଗୁନିଆ ବ୍ଲକରେ କରାଯାଇ ପାରିଲା ନାହିଁ। ଖାଲି ପ୍ରତିଶ୍ରୁତି ମିଳୁଛି ହେଲେ ତାହା ପାଣିରଗାର ହୋଇ ରହିଯାଉଛି ବୋଲି ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଲେଣି। ଚଳିତ ଖରିଫ ଋତୁ ଆରମ୍ଭରୁ ସ୍ୱଳ୍ପ ବର୍ଷା ଯୋଗୁ ଚାଷୀମାନେ ନିରାଶ ହେଲେଣି। ସାଧାରଣତଃ ରଜ ପରେ ଚାଷୀ ଖରିଫ ଧାନ ଫସଲ ଆରମ୍ଭ କରିଥାଏ। ଏବେକାର ତାତି କମିବାର ନା ନେଉନି। ବର୍ତ୍ତମାନ ସୁଦ୍ଧା ଆବଶ୍ୟକତାଠାରୁ ୧୩ ପ୍ରତିଶତ କମ୍ ବର୍ଷା ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ପାଣିପାଗ ବିଭାଗର ଆକଳନକୁ ପରଖି ଚାଷୀ ଜମିରେ ତଳି ପକାଇଥିଲେ। ଖରା ତାତି ସାଙ୍ଗକୁ ପାଣି ଅଭାବରୁ ଜମିରେ ଧାନ ତଳି ଉଜୁଡି ଯିବାକୁ ବସିଛି। ବେଗୁନିଆ ବ୍ଲକ ଜିଲାର ସବୁଠାରୁ ଶୁଷ୍କ ତଥା ଆର୍ଦ୍ର ଅଞ୍ଚଳ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ହେଲେ ଏଯାଏ ବିଭାଗ ପକ୍ଷରୁ ସ୍ଥାୟୀ ଜଳସେଚନର ସୁବନ୍ଦୋବସ୍ତ କରା ନ ଯାଇ ଚାଷୀମାନଙ୍କୁ ଅଣଦେଖା କରାଯାଉଛି ବୋଲି ଦିନକୁଦିନ ଚାଷୀ ଅସନ୍ତୋଷ ତେଜିବାରେ ଲାଗିଛି। ଫଳରେ ହେକ୍ଟର ହେକ୍ଟର ଜମିରେ ବୁଣା ହୋଇଥିବା ଧାନ ଓ ପଡିଥିବା



ଜମିରେ ଉଜୁଡିଯାଉଥିବା ଧାନ ତଳି।

ତଳି ଶୁଖିଗଲାଣି। ଏ ପରିସ୍ଥିତିରେ ଚାଷୀ ଚିନ୍ତାରେ ଘାରି ହେଉଛନ୍ତି।

ଅକ୍ଷୟ ତୃତୀୟା ପରେ ଖରିଫ ଧାନ ଚାଷ ପାଇଁ ଚାଷୀମାନେ ପ୍ରସ୍ତୁତି ଆରମ୍ଭ କରିଥିଲେ। ମୌସୁମୀ ଆସିବ ବୋଲି ବିଭାଗ ପକ୍ଷରୁ କୁହାଯିବା ପରେ ଚାଷୀ ଆବଶ୍ୟକ ପାଗ ଯୋଗ କରି ଧାନ ବିହନ ବୁଣିବା ସହ ତଳି ପକାଇଥିଲେ। ତେବେ ୨୦ ପ୍ରତିଶତ ଜମିରେ ଚାଷୀ ଧାନ ବିହନ ବୁଣିଥିବା ବେଳେ ଆଉ ୬୦ ପ୍ରତିଶତ ଜମିରେ ପାଣି ହେଲେ ଯାଇ ରୁଆ ପୋତା କାମ କରିବେ ବୋଲି ଅପେକ୍ଷାରେ ରହିଛନ୍ତି। ଅବଶିଷ୍ଟ ୨୦ ପ୍ରତିଶତ ଜମିରେ ଅନ୍ୟ ଫସଲ କରାଯାଇଛି। ହେଲେ ଧାନ ବୁଣା ଯାଇଥିବା ୨୦ ପ୍ରତିଶତ ଜମିରେ ତଳି ୨ରୁ ୩ ଇଞ୍ଚ ଉଚ୍ଚତା ହୋଇଯାଇଛି। ରୁଆ ପୋତା ପାଇଁ ପକାଯାଇଥିବା ଖରାଟିଆ ତଳି ପତ୍ର ଶୁଖି ନଷ୍ଟ ହେବାକୁ ବସିଲାଣି। ଆଉ ୨ରୁ୪ ଦିନ ଯଦି ଏଭଳି ଜମି ଶୁଷ୍କ ରହିବ ତାହା ହେଲେ ତଳି ଉଜୁଡିଯିବ ବୋଲି ଚାଷୀମାନେ କହୁଛନ୍ତି। ଅନ୍ୟପକ୍ଷରେ ବ୍ଲକ ଅଞ୍ଚଳରେ ଏ ପର୍ଯ୍ୟନ୍ତ ଚାଷବାସ ପାଇଁ ଆବଶ୍ୟକ ଜଳସେଚନର ବ୍ୟବସ୍ଥା ନାହିଁ। ଏଥିପାଇଁ ପ୍ରଶାସନ, ଜଳସେଚନ ବିଭାଗ ଓ ଜନପ୍ରତିନିଧିମାନେ ମଧ ତତ୍ପରତା ଦେଖାଉନାହାନ୍ତି। ଏପରିସ୍ଥଳେ ଚାଷୀମାନଙ୍କ ଚିନ୍ତା ବଢିବାରେ ଲାଗିଛି। ଜଳସେଚନ ପାଇଁ ବ୍ଲକ ଅଞ୍ଚଳରେ ମାତ୍ର ୯୩ଟି ଆଡବନ୍ଧ, ୧୪୪ଟି ଡଗଓ୍ୱେଲ ଓ ୧୧୨ଟି ବୋରୱେଲ ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ସେହିଭଳି ସିକୋ ଓ ହଜ ପଞ୍ଚାୟତରେ ମଲାଗୁଣି ନଦୀରୁ ଲିଫ୍ଟ ଇରିଗେଶନ ମାଧମରେ ୧୦୦ ଏକର ଜମି ପାଇଁ ଜଳ ଯୋଗାଇ ଦିଆଯାଉଛି। ହେଲେ ତାହା ଆବଶ୍ୟକ ମେଣ୍ଟାଇ ପାରୁନି। ସେହିପରି ନିୟମ ଅନୁସାରେ ସରକାରଙ୍କ ପକ୍ଷରୁ ୩୩ ପ୍ରତିଶତ ଜଳସେଚନ ବ୍ୟବସ୍ଥା ରହିବା କଥା। ହେଲେ କର୍ମଚାରୀମାନେ କେବଳ କାଗଜକଲମରେ ୧୭ ପ୍ରତିଶତ ଜଳସେଚନ ବ୍ୟବସ୍ଥା ହୋଇଥିବା ଦର୍ଶାଉଛନ୍ତି। କିନ୍ତୁ ବାସ୍ତବରେ ତାହା ୧୨ ପ୍ରତିଶତରୁ କମ୍ ହେବ ବୋଲି ଅନୁସନ୍ଧାନରୁ ଜଣାପଡିଛି। ସରକାରଙ୍କ ପକ୍ଷରୁ ସ୍ଥାୟୀ ଜଳସେଚନ ବ୍ୟବସ୍ଥା କରାଗଲେ ଚାଷୀମାନେ ସଫଳ ହୋଇପାରନ୍ତେ ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ ବ୍ଲକ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ କୁହନ୍ତି, ଚଳିତ ଖରିଫ ଋତୁରେ ଚାଷୀମାନେ ଜମିରେ ବୁଣିଥିବା ତଳି ଏ ପର୍ଯ୍ୟନ୍ତ ବର୍ଷା ଅଭାବ ଯୋଗୁ ବିଶେଷ କିଛି କ୍ଷୟକ୍ଷତି ହୋଇଥିବା ଖବର ଆମ ପାଖରେ ନାହିଁ। ଯେଉଁଭଳି ଭାବେ ତାତି ଦେଖାଦେଉଛି ଆଗାମୀ ସପ୍ତାହକ ମଧ୍ୟରେ ବର୍ଷା ନ ହେଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା କରାଯାଉଛି।



ଡିଇଓଙ୍କ ଅଫିସ ସମ୍ମୁଖରେ ପ୍ରଧାନଶିକ୍ଷକଙ୍କ ବହିଷ୍କାର ଦାବିରେ ଧାରଣାରତ ଗ୍ରାମବାସୀ।

■ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବହିଷ୍କାର ଦାବି

## ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

**ଖୋର୍ଦ୍ଧା ଅଫିସ,୨୬।୬**

ବାଲିପାଟଣା ବ୍ଲକ ବରାହୀ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବହିଷ୍କାର ଦାବିରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଗ୍ରାମର କେତେଜଣ ଲୋକ ଗଣଧାରଣା ଦେଇଥିଲେ। ଡିଇଓଙ୍କ ସହ ଆଲୋଚନା ପରେ ୧୦ଟାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଅପରାହ୍ନ ୨ଟା ପ୍ରତ୍ୟାହୃତ ହୋଇଥିଲା। ଅଭିଯୋଗ ଅନୁସାରେ, ବରାହୀ ସ୍କୁଲରେ ପାଠପଢ଼ା ହେଉନାହିଁ। ଶ୍ରେଣୀଗୃହର ଆଜବେଷ୍ଟସ ଭାଙ୍ଗି ଯାଇଥିଲେ ମଧ୍ୟ ମରାମତି କରାଯାଉନି। ବିଦ୍ୟାଳୟର ଖେଳପଡିଆ ନାହିଁ। ଲାଇବ୍ରେରୀ, ଲାବୋରେଟୋରୀ, ରିଡିଂ ରୁମ୍ ମଧ୍ୟ ନାହିଁ। ବିଦ୍ୟାଳୟ ପରିଚାଳନା ସମିତିର ବୈଠକ ନିୟମିତ କରାଯାଉନି। ଗୋଟିଏ ବିଦ୍ୟାଳୟରେ ୩ଟି ପରିଚାଳନା ସମିତି ଗଠନ କରାଯାଇଛି। ସନ୍ତୋଷ କୁମାର କୁଣ୍ଡ ଅଧ୍ୟକ୍ଷ ଥିବା ପରିଚାଳନା ସମିତି ବୈଧ ଥିବାବେଳେ ଅନ୍ୟ ଦୁଇଟି ଜାଲ୍ ପରିଚାଳନା ସମିତି ଗଠନ କରାଯାଇ ବିଶୃଙ୍ଖଳିତ ପରିବେଶ ସ୍କୁଲରେ ସୃଷ୍ଟି କରାଯାଇଛି। ଏଣୁ ବିଶୃଙ୍ଖଳିତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିକରାଯାଇ ଆନ୍ଦୋଳନ କରାଇଥିଲା।

## ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ

**ବୋଲଗଡ଼,୨୬।୬(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅପରାହ୍ନରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ/ଶିକ୍ଷକ ଏକ ଶୋଭାଯାତ୍ରାରେ ବାହାରି ନିଶା ନିବାରଣ ପାଇଁ ସଚେତନତା କରିଥିଲେ। ଏହି ଅବସରରେ ନିଶା ନିବାରଣ ସମ୍ପର୍କିତ ଏକ ତର୍କସଭାର ଆୟୋଜନ କରାଯାଇଥିଲା । କୃତୀ ଛାତ୍ରୀଛାତ୍ରମାନଙ୍କୁ ସିଆରସିସି ରତ୍ନପ୍ରଭା ସାହୁ ପୁରସ୍କୃତ କରିଥିଲେ । କ୍ରୀଡ଼ା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାହୁବଳେନ୍ଦ୍ର ନିଶା ସେବନର କୁପରିଣାମ ଉପରେ ବକ୍ତବ୍ୟ ରଖିଥିବାବେଳେ ଏନ୍‌ସିସି ଅଧିକାରୀ ଶିକ୍ଷକ ଦିବାକର ସାହୁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଦେଇଥିଲେ ।



ଛାତ୍ରୀଛାତ୍ର ନିଶା ନିବାରଣ ସଚେତନତା କରୁଛନ୍ତି।

■ ବେଗୁନିଆ ମହାବିଦ୍ୟାଳୟ

## ଯୁକ୍ତ ୩ କଳାରେ ପ୍ରଥମ ହୋଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବେଗୁନିଆ,୨୬।୬ (ଡି.ଏନ.ଏ.)**

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ବୁଧବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ କଳା ବିଭାଗରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଗୁନିଆ ମହାବିଦ୍ୟାଳୟର ୨୦୧୬ ବର୍ଷର ଛାତ୍ରୀ ସୋନାଲି ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉତ୍ସବରେ ଯୋଗ ଦେଇଥିଲେ। ପ୍ରଥମ ସ୍ଥାନ ହାସଲ କରିବେ ବୋଲି ସୋନାଲି କେବେ ବି ଭାବି ନ ଥିଲେ। ମାତ୍ର ଉଦ୍ୟମ ଆଜି ତାଙ୍କୁ ସଫଳତାର ପାହାଚ ଚଢାଇଛି। ବିଶେଷକରି ସେ ଦିନ ସମୟରେ କ୍ଲାସକୁ ଯାଆନ୍ତି ଏବଂ ନିର୍ଜନ ରାତିରେ ସେ ମାତ୍ର ୨ ଘଣ୍ଟା ପାଠ ପଢନ୍ତି। ଏଥିସହ ଯେତେବେଳେ ବେଗୁନିଆ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲି ସେତେବେଳେ ଆମ ଅଧ୍ୟକ୍ଷ ଡ. ଦାଶଙ୍କର ଯେଉଁଭଳି ଭାବେ ସ୍ନେହ ଓ ଉତ୍ତମ ଛାତ୍ରୀ ହେବା ପାଇଁ ଦିଗଦର୍ଶନ ଦେଇଥିଲେ ସେଥିପାଇଁ ମୁଁ ପ୍ରଥମ ସ୍ଥାନ ହାସଲ କରିପାରଛି। ସେହିପରି ବେଗୁନିଆ ବ୍ଲକ ଚୁଡିପାଳଙ୍କ ଗ୍ରାମରେ ଥିବା ବାପା ଅମରେଶ ଚନ୍ଦ୍ର ବେହେରା ଓ ମାଆ ସୁଲୋଚନାଙ୍କର ସର୍ବଦା ମୋ ପାଠ ପଢା ପ୍ରତି ନଜର ରହୁଥିଲା। ତେବେ ମୁଁ ଭବିଷ୍ୟତରେ ଜଣେ ପ୍ରଫେସର ହେବା ପାଇଁ ଉଚ୍ଚ ଆଶା ରଖିଛି। ମୋତେ ସବୁଠାରୁ ମାଆଙ୍କ ହାତ ତିଆରି ସାଦା ସନ୍ତୁଳା ଖାଇବାକୁ ଭଲ ଲାଗେ ବୋଲି ସୋନାଲି ତାଙ୍କ ଅଭିଭାଷଣରେ ରଖିଥିଲେ। ତେବେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀ ସୋନାଲିଙ୍କୁ ଖାଲି ସାଙ୍ଗସାଥି ନୁହେଁ ବେଗୁନିଆ ବ୍ଲକ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଆଇନଜୀବୀ ଏବଂ ଶିକ୍ଷାବିତ୍‌ଙ୍କ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।



କୃତୀ ଛାତ୍ରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

### ରାସ୍ତାକାମ ନିମ୍ନମାନର ଅଭିଯୋଗ ପରେ ବିବାଦ ଦୁଇଗୋଷ୍ଠୀ ମୁହାଁମୁହିଁ, ଜଣେ ଆହତ

**ଖୋର୍ଦ୍ଧା ଅଫିସ,୨୬।୬:**

ପିତାପଲ୍ଲୀଠାରୁ କୁମାରବସ୍ତ ଦେଇ ଗୁରୁଜଙ୍ଗ ୪ କିମି ରାସ୍ତା ନିର୍ମାଣ ଚାଲିଛି। ତେବେ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନାହିଁ। ନବ ନିର୍ମିତ ରାସ୍ତା ଉପରୁ ପିଚୁ ଉଠିଲାଣି। ସ୍ଥାନୀୟ ଲୋକ ଏହାର ପ୍ରତିବାଦ କରି ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବାକୁ ଦରଖାସ୍ତ ଦେବା ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ ଚଳାଇଥିଲେ। ଏଭଳିସ୍ଥଳେ ଠିକାଦାରଙ୍କ ଗୋଷ୍ଠୀର କେତେଜଣ ଲୋକ ଅଭିଯୋଗକାରୀଙ୍କ ସହ ବୁଧବାର ପାଟିତୁଣ୍ଡ କରିଥିଲେ। ପରେ ମଧ୍ୟାହ୍ନରେ ଉଭୟଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ଜଣେ ଆହତ ହୋଇଛନ୍ତି। ଏ ନେଇ ଅଭିଯୋଗ ପରେ ଖୋର୍ଦ୍ଧା ଆଦର୍ଶ ଥାନା ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଏହି ରାସ୍ତା ପାଇଁ ୨ କୋଟି ୪୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି।

### ଆଡିଶିନାଲ ଡିଜିଙ୍କ ସମୀକ୍ଷା

**ଖୋର୍ଦ୍ଧା ଅଫିସ,୨୬।୬**

ଆଡସିନାଲ ଡିଜି ସୁନିଲ ରାୟ ବୁଧବାର ଖୋର୍ଦ୍ଧା ଆଦର୍ଶ ଥାନା ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଥାନାର ମକଦ୍ଦମା, ୱାରେଣ୍ଟି ଗିରଫ, ଥାନାର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ସମୀକ୍ଷା କରିଛନ୍ତି।

■ ନିଶାଦ୍ରବ୍ୟ ଅପବ୍ୟବହାର, କାରବାର ବିରୋଧ ଦିବସ

## ପରିବାର ଉଜାଡ଼ିଦିଏ ନିଶା

**ଖୋର୍ଦ୍ଧା ଅଫିସ,୨୬।୬**

ଜିଲା ସଂସ୍କୃତି ଭବନ ପରିସରରେ ବୁଧବାର ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ବିରୋଧ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୀତାଂଶୁ କୁମାର ରାଉତ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଥିଲେ ନିଶା ମନୁଷ୍ୟର ଅର୍ଥନୈତିକ ଓ ସାମାଜିକ ପ୍ରତିଷ୍ଠାର କ୍ଷତି କରିଥାଏ। ପାରିବାରିକ କଳହକୁ ଜନ୍ମ ଦେଇ ପରିବାର ଉଜାଡି ଦିଏ। ମାନସିକତାରେ ପରିବର୍ତ୍ତନ ନ ଆସିଲେ ନିଶା କାରବାରକୁ ରୋକିବା ସମ୍ଭବ ନୁହେଁ। କେବଳ ଆଜିର ଦିନରେ ସଚେତନତା, ସଭା କରିଦେଲେ ନିଶା ନିବାରଣ ହୋଇଯିବା ଭାବିବା ଠିକ୍ ନୁହେଁ। ଏଥିପାଇଁ ବର୍ଷତମାମ ଚେଷ୍ଟା କରିବାକୁ ପଡିବ। ନିଶା ନ ଖାଇଲେ ନିଶା ଦୋକାନ ଆପେ ଆପେ ବନ୍ଦ ହୋଇଯିବ। ତେବେ ଖୋର୍ଦ୍ଧା ସହରରେ ବ୍ରାଉନସୁଗାର କାରବାର ଚିନ୍ତାର କାରଣ ପାଲଟିଥିବା ଗଣମାଧ୍ୟମ ବନ୍ଧୁମାନଙ୍କଠାରୁ ଅବଗତ ହୋଇଛି। ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାରକୁ ରୋକିବା ପାଇଁ ଯାଞ୍ଚ ବ୍ୟବସ୍ଥା କଡାକଡି କରାଯାଇଛି। ଅପରପକ୍ଷେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ସଚେତନତା ଶିବର ଓ ଆଲୋଚନାଚକ୍ର କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ବିଜୟ କୁମାର ମହାପାତ୍ର କହିଥିଲେ, ନିଶା ଖାଇବା ଦ୍ୱାରା ରୋଗକୁ ନିମନ୍ତ୍ରଣ କରାଯାଏ। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ନିଶା କାରବାର ରୋକିବା ଦିଗରେ ବିଭାଗ ପକ୍ଷରୁ ଚଳିତବର୍ଷ ୫୭ଟି ମକଦ୍ଦମା କରାଯାଇଛି। ନିଶା ନିବାରଣ ନେଇ ନିଜେ ସଚେତନ ହେଲେ ଅନ୍ୟମାନଙ୍କୁ ସଚେତନ କରାଯାଇ ପାରିବ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ସୁରକ୍ଷା ଅଧିକାରୀ ଅଶୋକ ପାତ୍ର, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଖୋର୍ଦ୍ଧା ଶାଖାର ପ୍ରତିନିଧି ଜୟକୃଷ୍ଣ ଶତପଥୀ ଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତାପସ କୁମାର ସାହା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବୁଧବାର ପୂର୍ବାହ୍ନରେ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଉଦ୍‌ଘାଟନ କରିଥିବାବେଳେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ।





ଶୋଭାଯାତ୍ରାକୁ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ପତାକା ଦେଖାଇ ଉଦଘାଟନ କରୁଛନ୍ତି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା :ଡ୍ରାଇଭରଙ୍କୁ କୋର୍ଟ ଚାଲାଣ

**ଯାଁଳା,୨୬।୬(ଡି.ଏନ.ଏ.):** ଜଟଣୀ ଥାନା ଅନ୍ତର୍ଗତ ପୁରୁଣା କଟକ ରୋଡ ପୀତାପଲ୍ଲୀଠାରେ ମଙ୍ଗଳବାର ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ନୟାଗଡ଼ ଟାଉନ ଶଗଡିଆ ସାହିର ଶତ୍ରୁଘ୍ନ ମହାପାତ୍ରଙ୍କ ପୁଅ ଜିତେନ୍ଦ୍ର(୩୦)। ପିକଅପ ଭ୍ୟାନର ଡ୍ରାଇଭର ଥାନାରେ ଆତ୍ମସମର୍ପଣ କରିଥିଲେ। ସେ ହେଲେ କଟକ ଜିଲା ତିଗିରିଆ ଥାନା ଆଚଳପଟା ଗାଁର ପଞ୍ଚୁପରିଡାଙ୍କ ପୁଅ କାବୁଲା (୨୦)। ଏ ନେଇ ଥାନାରେ ନଂ. ୨୧୭/୧୯ରେ ମାମଲା ରୁଜୁ ହୋଇଥିଲା। ଡ୍ରାଇଭର କାବୁଲାଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା।

■ ଫନୀ ଘରଭଙ୍ଗା କ୍ଷୟକ୍ଷତି ଆକଳନ

## ତାଲିକା ପ୍ରସ୍ତୁତିରେ ତ୍ରୁଟି, ବଢୁଛି ଜନଅସନ୍ତୋଷ

**କୃଷ୍ଣପ୍ରସାଦ,୨୬।୬(ଡି.ଏନ୍.ଏ.)**

ଫନୀ ବାତ୍ୟା ଦ୍ୱାରା ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳର ଅନେକ କ୍ଷୟକ୍ଷତି ଘଟିଛି । ଏହି ପରିପ୍ରେକ୍ଷୀରେ ଘରଭଙ୍ଗା ସହାୟତା ରାଶିକୁ ସ୍ୱଚ୍ଛ ଏବଂ ସର୍ବ ଜନଗୋଚର କରିବା ନିମନ୍ତେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ତାଲିକା ଝୁଲାଇ ଦିଆଯାଇଛି। ତେବେ ଏହି ତାଲିକା ପ୍ରସ୍ତୁତିରେ ବ୍ୟାପକ ତ୍ରୁଟି ରହିଥିବା ଅଭିଯୋଗ ହେଉଛି, ଯାହାକୁ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଛାତ ଘର ଥିବା ପରିବାରକୁ ସହାୟତା ରାଶି ପ୍ରଦାନ କରିବା ନିୟମ ନ ଥିବା ବେଳେ ସେମାନଙ୍କ ନାମ ଉକ୍ତ ତାଲିକାରେ ଉଲ୍ଲେଖ ରହିଛି। ଏହାବ୍ୟତୀତ ଯେଉଁ ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ଗୃହ ଭାଙ୍ଗିଯାଇଛି ସେମାନଙ୍କ ନାମ ଆଂଶିକ ଘରଭଙ୍ଗା ତାଲିକାରେ ରହିଛି। ଆଂଶିକ ଗୃହ ଭାଙ୍ଗିଥିବା ପରିବାରର ସମ୍ପୂର୍ଣ୍ଣ ଘରଭଙ୍ଗା



ଫନୀ ଦ୍ୱାରା ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଯାଇଛି ।

ସହାୟତା ରାଶି ପ୍ରାପ୍ତ ତାଲିକାରେ ନାମ ରହିଛି। ସରକାରୀ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଏହି ତାଲିକାରେ ଏଭଳି ବିପରୀତ ଓ ତ୍ରୁଟିପୂର୍ଣ୍ଣ ଭାବେ ସହାୟତା ରାଶି ପ୍ରଦାନ ଆଦି ସୂଚନାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମାଲୁଦ କରଣ ସାହିର କୌଣସି ହିତାଧିକାରୀଙ୍କ ନାମ ମଧ୍ୟ ତାଲିକାରେ ନ ଥିବା ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଯେଉଁ କର୍ମଚାରୀମାନେ କ୍ଷୟକ୍ଷତିର ତାଲିକା ପ୍ରସ୍ତୁତ କରିଛନ୍ତି ସେମାନେ ଲାଞ୍ଚ ନେଇ ଜାଣିଶୁଣି ଏଭଳି ତ୍ରୁଟି କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଇପିଙ୍ଗ ଗ୍ରାମର ପୁରୁଷୋତ୍ତମ କରଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଆଂଶିକ ଘରଭଙ୍ଗା ହିତାଧିକାରୀଙ୍କ ତାଲିକାରେ ତାଙ୍କ ନାମ ଉଲ୍ଲେଖ କରି ତାଙ୍କୁ ମାତ୍ର ୩ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏଭଳି ପ୍ରଶାସନିକ ତ୍ରୁଟି ଯୋଗୁ ପୁରୁଷୋତ୍ତମ ମୁଣ୍ଡରେ ହାତ ଦେଇ ବସିଛନ୍ତି। କୌଣସି ହିତାଧିକାରୀଙ୍କ ନାମ ପ୍ରକାଶ କରି ନ ଥିଲେ ମଧ ଆଂଶିକ ଘର ଭାଙ୍ଗିଥିବା ଅନ୍ୟ ହିତାଧିକାରୀଙ୍କୁ ୫ ହଜାର ଟଙ୍କାର ସହାୟତା ରାଶି ମିଳିଥିବା ସେ କହିଛନ୍ତି।

ଏଭଳି ତ୍ରୁଟିପୂର୍ଣ୍ଣ ତାଲିକା ରଦ୍ଦ ସହ ସ୍ୱଚ୍ଛତାପୂର୍ବକ ତଦନ୍ତ କରି ସହାୟତା ରାଶି ପ୍ରଦାନ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ଯେଉଁ କର୍ମଚାରୀମାନେ ଲାଞ୍ଚ ନେଇ ଜାଣିଶୁଣି ହିତାଧିକାରୀଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରିଛନ୍ତି ଓ ସହାୟତା ରାଶି ହରିଲୁଟ୍ କରିଛନ୍ତି ସେମାନଙ୍କ ପ୍ରତି ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ବିଭିନ୍ନ ମହଲରେ ଦାବି ହୋଇଛି।

କୃଷ୍ଣପ୍ରସାଦ ବିଡିଓ ଅଭିମନ୍ୟୁ ମାଝିଙ୍କୁ ଏ ନେଇ ପଚାରିବାରୁ ସେ କହିଥିଲେ, ଆମେ ସ୍ୱଚ୍ଛତା ଆଣିବା ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ନାମ ତାଲିକା ଝୁଲାଇଦେଇଛୁ। ଯଦି ତ୍ରୁଟିଯୁକ୍ତ ଭାବେ ଏଥିରୁ କିଛି ହିତାଧିକାରୀଙ୍କ ନାମ ବାଦ ପଡ଼ିଛି କିମ୍ବା ଉଲ୍ଲେଖ ରହିଛି ତେବେ ଏଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର । -ଏଡୱାର୍ଡ୍



## ସଂକ୍ଷେପରେ

### ଫେରାର ୨ ନାବାଳକ ଧରାପଡ଼ିଲେ

**ପୁରୀ ଅଫିସ,୨୬।୬:** ଜଣେ ରେଲୱେ କର୍ମଚାରୀଙ୍କ ଘରେ ପଶି ଚୋରି କରିବା ପରେ ଦୀର୍ଘଦିନ ଧରି ଫେରାର ଥିବା ଦୁଇ ନାବାଳକ ବୁଧବାର ସମୁଦ୍ରକୂଳ ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ଗତ ମେ ୩୧ ତାରିଖରେ ରେଲୱେରେ କାର୍ଯ୍ୟରତ ଏଏସ୍ଆଇ ସୁନୀଲ କୁମାରଙ୍କ ଶ୍ରୀକ୍ଷେତ୍ର କଲୋନୀସ୍ଥିତ ବାସଭବନରୁ ନାବାଳକ ଦ୍ୱୟ ସୁନାଗହଣା ଚୋରି କରି ଫେରାର ହୋଇଯାଇଥିଲେ। ସୁନୀଲଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଫେରାର ଅଛନ୍ତି। ନାବାଳକ ଦ୍ୱୟଙ୍କଠାରୁ କୌଣସି ଚୋରି ସାମଗ୍ରୀ ମିଳି ନ ଥିବା ପୋଲିସ କହିଛି।

### ମାସକ ପରେ ଅପହୃତା ନାବାଳିକା ଉଦ୍ଧାର

**ପୁରୀ ଅଫିସ,୨୬।୬:** ଅପହରଣର ମାସକ ପରେ ଜଣେ ନାବାଳିକାଙ୍କୁ ବୁଧବାର ସମୁଦ୍ରକୂଳ ଥାନା ପୋଲିସ ଉଦ୍ଧାର କରିଛି। ଅପହରଣକାରୀ ଫେରାର ଥିବା ଥାନା ଅଧିକାରୀ ଗୌରାଙ୍ଗ ପୃଷ୍ଟି କହିଛନ୍ତି। ସୂଚନା ଅନୁଯାୟୀ, ଏପ୍ରିଲ ୨୪ତାରିଖରେ ସମୁଦ୍ରକୂଳ ଥାନା ଅଞ୍ଚଳରୁ ଜଣେ ୧୬ବର୍ଷୀୟା ନାବାଳିକାଙ୍କୁ ଖୋର୍ଦ୍ଧା ଜଙ୍କିଆ ଥାନା ଅଞ୍ଚଳର ଜଣେ ଯୁବକ ଅପହରଣ କରିନେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଥାନା ଅଧିକାରୀ କହିଛନ୍ତି, ଉଦ୍ଧାର ନାବାଳିକାଙ୍କ ବୟାନ ରେକର୍ଡ ସହ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କ ଡାକ୍ତରୀ ମାଇନା କରାଯାଇଛି। ସମ୍ପୃକ୍ତ ଅପହରଣକାରୀ ତାଙ୍କୁ ବିବାହ କରିଥିବାବେଳେ ଏବେ ଫେରାର ଅଛନ୍ତି। ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି।

### ଜିଆର୍ଏସ୍ଙ୍କୁ ଆକ୍ରମଣ: ଜଣେ ଗିରଫ

**ପୁରୀ ଅଫିସ,୨୬।୬:** ପୁରୀ ସଦର ବ୍ଲକ ବାସୁଦେବପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍ଏସ୍) ଅକ୍ଷୟ କୁମାର ପରିଡ଼ାଙ୍କୁ ଆକ୍ରମଣ ଅଭିଯୋଗରେ ସଦର ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଡିଣ୍ଟିକେରା ଗ୍ରାମର ଭୋଳାନାଥ ପ୍ରଧାନ। ସୂଚନା ଅନୁଯାୟୀ, ଅକ୍ଷୟ ରାଜସ୍ୱ ନିରୀକ୍ଷକ ଜ୍ୟୋତିରଞ୍ଜନ ବେହେରାଙ୍କ ସହ ବାତ୍ୟା ଘରଭଙ୍ଗା ତାଲିକା ପ୍ରସ୍ତୁତି ନେଇ ବାସୁଦେବପୁର ପଞ୍ଚାୟତରେ ନିୟୋଜିତ ଅଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଭୋଳାନାଥ ପଞ୍ଚାୟତ କାର୍ଯାଳୟରେ ତାଲିକାକୁ ନେଇ ଗଣ୍ଡଗୋଳ କରିଥିଲେ। ଏହି ସମୟରେ ଅକ୍ଷୟଙ୍କୁ ଆକ୍ରମଣ କରି ତାଙ୍କଠାରୁ ସରକାରୀ କାଗଜପତ୍ର ଓ ୪ହଜାର ଟଙ୍କା ଛଡ଼ାଇ ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

### କୋର୍ଟ ପରିସରରୁ ସାଇକେଲ ଚୋରି

**ପୁରୀ ଅଫିସ,୨୬।୬:** ପୁରୀ ସହରରେ ଏକ ଲୁଟେରା ଗ୍ୟାଙ୍ଗ ମାତିଛନ୍ତି। ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି ଅଭିଯୋଗ ହେଉଥିବାବେଳେ ବୁଧବାର ଅତିରିକ୍ତ ସିଭିଲ୍ ଜଜ୍ଙ୍କ କୋର୍ଟ ପରିସରରୁ ଏକ ସାଇକେଲ ଚୋରି ହୋଇଛି। ଏ ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କୋର୍ଟର ଚତୁର୍ଥ ଶ୍ରେଣୀ କର୍ମଚାରୀ ନାରାୟଣ ଖାଡଙ୍ଗା ସବୁଦିନ ପରି ବୁଧବାର ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟ ପାର୍ଶ୍ୱରେ ସାଇକେଲ ରଖିଥିଲେ। ସନ୍ଧ୍ୟାରେ ଡ୍ୟୁଟି ସାରି ଫେରିବା ପରେ ତାଙ୍କ ସାଇକେଲ ନ ଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ତଦନ୍ତ ଜାରି ରଖିଛି।

### ବକ୍ସିଂ ଚୟନ ଶିବିର

**ପୁରୀ ଅଫିସ,୨୬।୬:** ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ସ୍ଥାନୀୟ ଇନ୍ଡୋର ଷ୍ଟାଡିୟମରେ ବୁଧବାର ଜିଲାସ୍ତରୀୟ ସବ୍ ଜୁନିୟର ବକ୍ସିଂ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ଜଣ ଖେଳାଳି କଟକରେ ହେବାକୁ ଥିବା ଆନ୍ତଃଜିଲା ସବ୍ ଜୁନିୟର ବର୍ଗ ପ୍ରତିଯୋଗିତାରେ ଭାଗନେବେ ବୋଲି ବକ୍ସିଂ କୋଚ୍ ପ୍ରମୋଦ ଜେନା କହିଛନ୍ତି। ସେମାନେ ହେଲେ ଚନ୍ଦନ ଥାପ୍ପା, ବଳରାମ ରାଉତ, ଶଙ୍କର ନାୟକ ଓ ରାକେଶ କୁମାର ଭୋଇ। ଶିବିରକୁ ପ୍ରମୋଦଙ୍କ ସମେତ ପ୍ରଦୀପ ଦାସ, ଏନ୍ଆଇଏସ୍ କୋଚ ସ୍ୱର୍ଣ୍ଣଲତା ଛୁଆଳସିଂ, ମାନସ ଜେନା, ଲକ୍ଷ୍ମୀଧୀର ମୁଦୁଲି ଓ ସନ୍ତୋଷ ଭୋଇ ପରିଚାଳନା କରିଥିଲେ।

## ଘରଭଙ୍ଗା ତଦନ୍ତରେ ଅନିୟମିତତା

# ୨ ପିଇଓଙ୍କୁ ତାଲା ପକାଇଲେ ଲୋକେ

**ନିମାପଡ଼ା,୨୬।୬(ଡି.ଏନ୍.ଏ.)**

ନିମାପଡ଼ା ତହସିଲ ଅନ୍ତର୍ଗତ ରେଞ୍ଚ ଶାସନ ପଞ୍ଚାୟତରେ ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବୁଧବାର ଶତାଧିକ ଲୋକେ ଓ ୫୦ରୁ ଊର୍ଦ୍ଧ୍ୱ ମହିଳା ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ(ପିଇଓ) ସଦାଶିବ ସାହୁ ଓ ସରୋଜ କୁମାର ଦାସଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରାୟ ୧ଘଣ୍ଟା ଧରି ତାଲା ପକାଇଦେଇଥିଲେ। ଖବରପାଇ ନିମାପଡ଼ା ପୋଲିସ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଦୁଇ ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ(ପିଇଓ)ଙ୍କୁ ଉଦ୍ଧାର କରିଥିଲେ। ପରେ ଶତାଧିକ ପଞ୍ଚାୟତବାସୀ ରେଞ୍ଚଶାସନ ଛକ ଠାରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା।



୨ ପିଇଓଙ୍କୁ ଉତ୍ତ୍ୟକ୍ତ ଲୋକେ ଘେରାଉ କରିଛନ୍ତି।

ଖବରପାଇ ସ୍ଥାନୀୟ ତହସିଲଦାର କମଲଜିତ ଦାସ, ନିମାପଡ଼ା ଆଇଆଇସି ଜନାର୍ଦ୍ଦନ ପାଢୀ, ଏସ୍ଆଇ ସନ୍ଧ୍ୟାରାଣୀ ବିଶ୍ୱାଳ, ମମତା ବିଶ୍ୱାଳ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୨ରୁ ୩ଦିନ ମଧ୍ୟରେ ଘରଭଙ୍ଗାର ଠିକ୍ ତଦନ୍ତ କରାଯାଇ ବାତ୍ୟାରେ ଘର ଭାଙ୍ଗିଥିବା ହିତାଧିକାରୀଙ୍କୁ ସହାୟତା ଯୋଗାଇଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୂର୍ବାହ୍ନ ୧୧ଟାରୁ ୧ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକୋ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଯୁବ ନେତା ପ୍ରକାଶ ଜେନା, ଜୟନ୍ତ ଜେନା, ବିଷ୍ଣୁପ୍ରସାଦ ବେହେରା, ପ୍ରଭାତ ଦାସ, ବ୍ରହ୍ମାନନ୍ଦ ଭୋଇ, ନିରଞ୍ଜନ ମହାନ୍ତି, ମମତା ବେହେରା, ମିନା କାଣ୍ଡି, ଜୟନ୍ତି ଦାସ, ଡଲି ଜେନାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା। ସେହିପରି ଅନ୍ଧୁଆର ପଞ୍ଚାୟତ ଅଫିସଠାରେ ଶତାଧିକ ବିପନ୍ନ ଘରଭଙ୍ଗା ତଦନ୍ତରେ ଅନିୟମିତତା ହୋଇଥିବା ନେଇ ହୋ ହଲ୍ଲା କରିଥିଲେ।



ଗଡରୋଡଙ୍ଗ ଛକ ନିକଟରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି।

## ଘରଭଙ୍ଗା ରିପୋର୍ଟ ପ୍ରକାଶ ପରେ ଉଠୁଛି ଝଡ଼

# ୫ ଘଣ୍ଟା ରାସ୍ତାରୋକୋ କଲେ ବିପନ୍ନ

**ବ୍ରହ୍ମଗିରି,୨୬ ।୬(ଡି.ଏନ.ଏ)**

ବାତ୍ୟା ଫନୀରେ ବ୍ରହ୍ମଗିରି ବ୍ଲକର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଭାଙ୍ଗିଯାଇଥିଲାଅନେକ ଘରଦ୍ୱାର। ଏହି ଭଙ୍ଗା ଘର ପାଇଁ ସରକାର ଶ୍ରେଣୀ ଭୁକ୍ତ କରି ସହାୟତା ଦେବାକୁ ଘୋଷଣା କରିଛନ୍ତି। ବାତ୍ୟା ପରେ ଘରଭଙ୍ଗା ସର୍ଭେ କରିବାକୁ ବ୍ରହ୍ମଗିରି ପ୍ରଶାସନକୁ ଦିଆଯାଇଥିଲା। ଏହି ସର୍ଭେ ରିପୋର୍ଟ ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାରଠାରୁ ବିଭିନ୍ନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସାର୍ବଜନୀନ କରାଯାଇଛି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଏବେ ବ୍ରହ୍ମଗିରିର ବିଭିନ୍ନ ଗାଁରେ ଝଡ ଉଠିଛି। ତଦନ୍ତ ରିପୋର୍ଟରେ ଅନିୟମିତତା ହୋଇଥିବା ଦର୍ଶାଇ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏ ନେଇ ବୁଧବାର ବ୍ଲକ ଅନ୍ତର୍ଗତ ଗଡରୋଡଙ୍ଗ ପଞ୍ଚାୟତର ବିପନ୍ନମାନେ ଗଡରୋଡଙ୍ଗ ଛକ ନିକଟରେ ରାସ୍ତାରେ ଗଛ ପତ୍ର ପକାଇ ନିଆଁ ଲଗାଇ ପ୍ରାୟ ୫ ଘଣ୍ଟା ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିଲା। ସେମାନଙ୍କ ଦାବି ଅନୁଯାୟୀ, ପ୍ରକାଶ ପାଇଥିବା ଘରଭଙ୍ଗା ତଦନ୍ତ ରିପୋର୍ଟରେ ପ୍ରକୃତ ଘର ଭାଙ୍ଗିଥିବା ହିତାଧିକାରୀଙ୍କୁ ଆଂଶିକ ଦର୍ଶାଯାଇଛି। ଯାହାର କିଛି କ୍ଷତି ହୋଇନାହିଁ ତାଙ୍କର ସମ୍ପୂର୍ଣ୍ଣ କ୍ଷତି ବୋଲି ଦର୍ଶାଯାଇଛି। ଫଳରେ ତଦନ୍ତରେ ଅନିୟମିତା ହୋଇଛି। ଏହି ତଦନ୍ତ ପୁନର୍ବାର କରାଯିବାକୁ ଦାବି କରାଯାଇ ରାସ୍ତାରୋକା କରାଯାଇଥିଲା। ଦୀର୍ଘ ସମୟ ପରେ ସ୍ଥାନୀୟ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ଗୋପ ଥାନାରେ ୨ ପୋଲିସଙ୍କ ମଧ୍ୟରେ ମାରପିଟ୍

**ଗୋପ,୨୬।୬(ଡ଼ି.ଏନ୍.ଏ.)**

ସାଧାରଣ ଲୋକଙ୍କୁ ଗୋପ ଥାନା ପୋଲିସ ସୁରକ୍ଷା ଦେବାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପୋଲିସ-କର୍ମଚାରୀଙ୍କ ମାର୍ପିଟ୍ ଘଟଣା ଏବେ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଥାନା ଅଧିକାରୀ ଦିଲୀପ୍ କୁମାର ସ୍ୱାଇଁଙ୍କୁ ପଚାରିବାରେ ଏହି ଘଟଣାକୁ ସେ ହାଲ୍କା ଭାବେ ନେଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ମଙ୍ଗଳବାର ଗୋପ ଥାନା ଅଞ୍ଚଳର ଗଣେଶ୍ୱରପୁର ଅଞ୍ଚଳର ଜଣେ ବ୍ୟକ୍ତି ଏକ ଟ୍ରାକ୍ଟର ବେସରକାରୀ ବ୍ୟାଙ୍କ ଜରିଆରେ ଋଣ ଆଣି ଟଙ୍କା ପରିଶୋଧ କରି ପାରି ନ ଥିଲେ। ଟାକ୍ଟରକୁ ବେସରକାରୀ ବ୍ୟାଙ୍କର କେତେଜଣ କର୍ମଚାରୀ ଧରି ଗୋପ ଥାନାକୁ ଆଣିଥିଲେ। ମାତ୍ର ଟ୍ରାକ୍ଟର ମାଲିକ ଗାଡିକୁ ସନ୍ଧ୍ୟାରେ ଥାନା ମଧ୍ୟରୁ କୌଶଳକ୍ରମେ ନେଇ ପଳାଇଥିଲେ। ପରେ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଧରିବା ଲାଗି ଖୋଜାଖୋଜି କରିଥିଲା। କିନ୍ତୁ ଟ୍ରାକ୍ଟରକୁ ନ ପାଇବାକୁ ନେଇ ଥାନାର ଦୁଇ ପୋଲିସଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ପାଟିତୁଣ୍ଡକୁ ନେଇ ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାର କିଛି ସମୟ ପରେ ଦୁଇ ପୋଲିସ କର୍ମଚାରୀ ଥାନା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଥମେ ବାଦାନୁବାଦ ଓ ପରେ ମାରପିଟ୍ ହୋଇଥିଲେ। ଏହି ଘଟଣାକୁ ସାଧାରଣ ଲୋକ ଉପଭୋଗ କରୁଥିବାବେଳେ ଦୁଇ ପୋଲିସ ମାରପିଟ୍ ହେବା ସମୟରେ ଥାନାଧିକାରୀ ସ୍ୱାଇଁ ପହଞ୍ଚି ସେମାନଙ୍କୁ ପାଟିତୁଣ୍ଡ କରିବା ସହ ଏଥିରୁ ନିବୃତ୍ତ ରହିବାକୁ କହିଥିଲେ। ଏଠାରେ ପ୍ରଶ୍ନ ଉଠେ ସାଧାରଣ ଲୋକଙ୍କ ସମ୍ମୁଖରେ ଓ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଦୁଇ ପୋଲିସଙ୍କ ମାରପିଟ୍ ଘଟଣା ଥାନା ସିସିଟିଭିରେ କଏଦ ହୋଇଛି। ଏହାକୁ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ହୋଇପଡ଼ିଛି ବୋଲି ସାଧାରଣ ଲୋକ ମତପ୍ରକାଶ ପାଇଛି।

### ନିର୍ଯାତନା ସହି ନ ପାରି ମହିଳାଙ୍କ ଆତ୍ମହତ୍ୟା

**ପୁରୀ ଅଫିସ,୨୬।୬**

କୁମ୍ଭାରପଡ଼ା ଥାନା ଅଧୀନ ଅବକାଶ ଲେନ ଅଞ୍ଚଳରେ ବୁଧବାର ଜଣେ ବିବାହିତ ମହିଳାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି ପୋଲିସ। ମୃତକ ହେଲେ ମଧୁସ୍ମିତା ବରାଳ। ଯୌତୁକଜନିତ ନିର୍ଯାତନା ସହି ନ ପାରି ମଧୁସ୍ମିତା ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ବାପା ପ୍ରସନ୍ନ ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଯୌତୁକ ନିରୋଧ ଆକ୍ଟରେ ଏକ ମାମଲା ରୁଜୁ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅଭିଯୋଗ ଅନୁଯାୟୀ, ବଳଙ୍ଗା ଥାନା ତୋରିଆବନ୍ଧ ଗ୍ରାମର ପ୍ରସନ୍ନ ପରିଡ଼ାଙ୍କ ଝିଅ ସାଦରିଆ ଗ୍ରାମର ଦିଲୀପ ବରାଳଙ୍କୁ ବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ପକ୍ଷରୁ ସମସ୍ତ ଯୌତୁକ ଦିଆଯାଇଥିଲା। ମାତ୍ର ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ମଧୁସ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ।

### ଚଢ଼ାଉ: ୫ ଗିରଫ

**ପୁରୀ ଅଫିସ,୨୬।୬**

ବେଆଇନ ମଦ କାରବାର ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଛି ପୁରୀ ଅବକାରୀ ବିଭାଗ । ସେମାନେ ହେଲେ ବୁଦ୍ଧଦେବ ଭୋଇ, ସଞ୍ଜୟ ସ୍ୱାଇଁ, ବୁଢା ବେହେରା, ନୃସିଂହ ପ୍ରଧାନ ଏବଂ ଅନ୍ୟଜଣେ। ଏମାନଙ୍କଠାରୁ ଦେଶୀ ରନ୍ଧାମଦ ଓ ବିଦେଶୀ ମଦ ଜବତ ହୋଇଛି।

# ଯୌତୁକ ପାଇଁ ବଧୂ ହତ୍ୟା: ସ୍ୱାମୀ ଗିରଫ

**ଗୋପ,୨୬।୬(ଡ଼ି.ଏନ.ଏ.)**

ଗୋପ ଥାନା ଅଧୀନ ନାଗପୁର ଖରିଦାସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ଯୌତୁକ ପାଇଁ ଭାରତୀ ପାତ୍ର (୩୦) ନାମକ ଜଣେ ବଧୂଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ନେଇ ବୁଧବାର ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ସ୍ୱାମୀ ପ୍ରସନ୍ନ କୁମାର କୁଣ୍ଡୁ (୩୭)ଙ୍କୁ ଗିରଫ କରିଥିବାବେଳେ ତାଙ୍କ ମାଆ ଫେରାର ହୋଇଯାଇଛନ୍ତି। ପୋଲିସ ଭାରତୀଙ୍କ ମୃତଦେହ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ୨୦୧୦ରେ ଖରିଦାସାହି ଗାଁର ପ୍ରସନ୍ନ କାକଟପୁର ଥାନା ଅଞ୍ଚଳ ଯମୁନା ପାତ୍ରଙ୍କ ଝିଅ ଭାରତୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ବିଭିନ୍ନ କାରଣକୁ ନେଇ ସ୍ୱାମୀସ୍ତ୍ରୀ ମଧ୍ୟରେ ଗଣ୍ଡଗୋଳ ହୋଇ ଆସୁଥିଲା। ବାରମ୍ବାର ସ୍ୱାମୀ ଭାରତୀଙ୍କୁ ମାରପିଟ୍ କରିବା ସହ ଜୀବନରୁ ମାରିଦେବି ବୋଲି ଧମକ ଦେଉଥିଲେ। ସୋମବାର ଅଧିକ ଯୌତୁକକୁ ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ମଙ୍ଗଳବାର ରାତିରେ ସ୍ୱାମୀ ପ୍ରସନ୍ନ ଭାରତୀଙ୍କୁ ମାରି ଦେଇଥିବା ଅଭିଯୋଗ ଆସିଛି। ଏହି ଘଟଣାକୁ ନେଇ ବୁଧବାର ସକାଳେ ଭାରତୀଙ୍କ ମାଆ ଯମୁନା ପାତ୍ର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଥାନାରେ ନଂ. ୮୪/୧୯ରେ ମାମଲା ରୁଜୁ ହୋଇଛି। ଏହି ହତ୍ୟାକାଣ୍ଡକୁ ନେଇ ସ୍ୱାମୀ ପ୍ରସନ୍ନଙ୍କୁ ପଚାରିବାରେ ସ୍ତ୍ରୀ ଭାରତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସେ ମୃତ୍ୟୁବରଣ କରିଥିବା ସେ କହିଥିଲେ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ

**ନିମାପଡ଼ା,୨୬।୬(ଡି.ଏନ୍.ଏ.)**

ନିମାପଡ଼ା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ(ପିପିଡବ୍ଲୁଓ) ପକ୍ଷରୁ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ଜିଲା ପ୍ରଶାସନ ସହାୟତାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ବୁଧବାର ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଡବ୍ଲୁଓ ସଭାପତି ରାଜକିଶୋର ସାବୁତ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀ, ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ କେନ୍ଦ୍ର ମୁଖ୍ୟ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବି.କେ. ସୁବାଷିନୀ, ଉତ୍କଳ ସ୍ୱାଭିମାନ ମଞ୍ଚ ସଭାପତି ରାଧାକାନ୍ତ ଦାଶ, ସମ୍ପାଦକ ଡ. ପ୍ରଭାକର ତ୍ରିପାଠୀ, ଆଇନଜୀବୀ ଦିଲ୍ଲୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଶାକୁ ବାରଣ କରିବା ପାଇଁ ଆଇନ ଓ କଟକଣାକୁ କଡାକଡି ପାଳନ କରାଯିବା ଆବଶ୍ୟକ, ଯୁବପିଢି ସଚେତନ ହେଲେ ରାଜ୍ୟ ଓ ଦେଶର ପରିବର୍ତ୍ତନ ହେବ ବୋଲି କହିଥିଲେ। ସମାରୋହରେ ବହୁ ସରପଞ୍ଚ, ସମିତିସଭ୍ୟ, ସାମାଜିକକର୍ମୀ, ଛାତ୍ରୀଛାତ୍ର ଯୋଗଦେଇଥିଲେ।ପିପିଡବ୍ଲୁଓର କର୍ମକର୍ତ୍ତା, ସ୍ୱତନ୍ତ୍ର ବିଇଡି କଲେଜର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପିପିଡବ୍ଲୁଓ ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ରଥଯାତ୍ରା ପାଇଁ ବିଦ୍ୟାର୍ଥୀଙ୍କୁ ପ୍ରଶିକ୍ଷଣ

**ପୁରୀ ଅଫିସ, ୨୬।୬**

ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ ଭାରତୀୟ ରେଡ୍କ୍ରସ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ପ୍ରାଥମିକ ଚିକିତ୍ସା ଓ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍ଯାପିତ ହୋଇଛି। ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଏହାକୁ ଉଦ୍ଘାଟନ କରିଥିଲେ। ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ନିଗମାନନ୍ଦ ସାରସ୍ୱତ ମହନ୍ତ ବିଦ୍ୟାର୍ଥୀଙ୍କୁ ସେବା ବିଷୟରେ କହିଥିଲେ। ରେଡ୍କ୍ରସ ସୋସାଇଟିର ସମ୍ପାଦିକା ମେଜର କଳ୍ପନା ଦାସ ସେବାରେ ଦୃଢ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଯୋଜକ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଯୁବ ରେଡ୍କ୍ରସ ଅଧିକାରୀ ରବିଶଙ୍କର ମିଶ୍ର ଏହାକୁ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସରେ ସହକାରୀ ଜିଲାପାଳ ମନୋଜ କୁମାର ନାୟକ ଯୋଗଦେଇଥିଲେ। ଶିବିରରେ ପୁରୀ ଜିଲାର ବିଭିନ୍ନ ମହାବିଦ୍ୟାଳୟର ୧୧୮ ଜଣ ବିଦ୍ୟାର୍ଥୀ ଯୋଗଦେଇଥିଲେ।

# ସବୁଜ ଶ୍ୟାମଳ ହେବ ବାଲୁଖଣ୍ଡ ଅଭୟାରଣ୍ୟ

### ବିହନ ଗୁଳା ମାଧ୍ୟମରେ ବନୀକରଣ ସୃଷ୍ଟି କରାଯିବ





ବୈଠକରେ ଯୋଗ ଦେଇଥିବା ଅଧିକାରୀ ଏବଂ ଅନ୍ୟମାନେ।

**କୋଣାର୍କ,୨୬।୬(ଡି.ଏନ୍.ଏ.)**

ଭିଟଲ କାମତ ପକ୍ଷରୁ ବୁଧବାର ମୁକ୍ତାକାଶ ରଙ୍ଗମଞ୍ଚରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ୩ ତାରିଖରେ ହୋଇଥିବା ବାତ୍ୟା ଫନୀରେ ପୁରୀ କୋଣାର୍କ ବେଳାଭୂମି ମାର୍ଗ ବାଲୁଖଣ୍ଡ ଅଭୟାରଣ୍ୟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏଠାରେ ନୂତନ ବୃକ୍ଷ ସୃଷ୍ଟି କରି ପରିବେଶକୁ ପ୍ରଦ୍ୟୁଷଣ ମୁକ୍ତ ରଖିବା ପାଇଁ କୋଣାର୍କ ନିକଟସ୍ଥ ହୋଟେଲ କାମାତ ପକ୍ଷରୁ ପ୍ରାୟ ୧୦ଲକ୍ଷ ବିହନ ଗୁଳା ମାଧ୍ୟମରେ ଶ୍ୟାମଳ ବନୀକରଣ ସୃଷ୍ଟି କରାଯିବ। ଏହି ବିହନ ଗୁଳାକୁ ମାଟି, ଜୈବିକ ସାର ଓ ବିହନକୁ ମିଶାଇ ପ୍ରସ୍ତୁତ କରାଯାଇଛି ବିହନ ଗୁଳା। କୌଣସି ଖୋଲା ସ୍ଥାନରେ ଫିଙ୍ଗାଯାଇ ବିଭିନ୍ନ ପ୍ରକାରର ବୃକ୍ଷ ସୃଷ୍ଟି କରାଯାଇ ପାରିବ ବୋଲି ହୋଟେଲ କାମତର ପରିଚାଳକ ଭାରତ ଭୂଷଣ ବିଶ୍ୱାଳ କହିଛନ୍ତି। ଏହି ପ୍ରକ୍ରିୟାକୁ ଆଗାମୀ ବନ ମହୋତ୍ସବ ସପ୍ତାହ ମଧ୍ୟରେ ଆରମ୍ଭ ହେବ ବୋଲି ବିଶ୍ୱାଳ ସୂଚନା ଦେଇଛନ୍ତି। ବୈଠକରେ କୋଣାର୍କ ବନାଞ୍ଚଳ ବନାଧିକାରୀ ଆଦିତ୍ୟ ନାରାୟଣ ମିଶ୍ର, କୋଣାର୍କ ଥାନା ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, ପର୍ଯ୍ୟଟନ ଅଧିକାରୀ ସରୋଜ କାନ୍ତ ପ୍ରଧାନ, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ହସ୍ତଶିଳ୍ପ ବ୍ୟବସାୟୀ ସଂଘ ସଭାପତି ସୁବାସ ନାୟକ, ହୋଟେଲ ସଂଘ ସଭାପତି ବାଦଲ ଦାଶ ଓ ଶିକ୍ଷକ ରାମକୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କୋଣାର୍କ ଭେଙ୍କେଟଶ୍ୱର ବିଦ୍ୟାଳୟର ଜାତୀୟ ସବୁଜ ବାହିନୀର ଶିକ୍ଷକ ମାନସ କୁମାର ମୁଦୁଲି, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଶିକ୍ଷକ ନିରଞ୍ଜନ ମିଶ୍ର, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ନୁଆଗାଁର ପ୍ରଧାନ ଶିକ୍ଷକ ବାଲୁଙ୍କେଶ୍ୱର ବାରିକ ଓ ଆଶ୍ରମସ୍କୁଲର ଶିକ୍ଷକ କାମଦେବ ବିଶ୍ୱାଳ ପ୍ରମୁଖ ଯୋଗଦେଇ କାମାତ ଗ୍ରୁପର ଏଭଳି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ।

# ସୁରକ୍ଷା ଉପରେ ଗୁରୁତ୍ୱାରୋପ

**ପୁରୀ ଅଫିସ, ୨୬।୬**

ଆସୁଛି ରଥଯାତ୍ରା। ଦେଶବିଦେଶରୁ ଟ୍ରେନ୍, ବସ୍ ଯୋଗେ ପୁରୀକୁ ଆସିବେ ଭକ୍ତ, ପର୍ଯ୍ୟଟକ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବଡ଼ଦାଣ୍ଡରେ। ସହରର ବିଭିନ୍ନ ସ୍ଥାନରେ ଥିବା ହୋଟେଲ, ଲଜ୍ ଆଦିରେ ଏମାନେ ଆଶ୍ରୟ ନେବେ। ତେବେ ଗାଡ଼ିରେ ଆସିବା ବେଳେ ହେଉ କି ପୁରୀରେ ରହିବା ସମୟରେ ଅବା ରଥଯାତ୍ରା ଦିନ ବଡ଼ଦାଣ୍ଡରେ ଯଦି କୌଣସି ପ୍ରକାର ଦୁର୍ଘଟଣା (ଦଳାଚକଟା, ସମୁଦ୍ରବୁଡ଼ି, ଅଗ୍ନିକାଣ୍ଡ, ଗାଡ଼ି ଧକ୍କା ଇତ୍ୟାଦି) ଘଟେ ତେବେ ଏଥିପାଇଁ ପ୍ରଶାସନ କେତେ ପ୍ରସ୍ତୁତ ସେ ନେଇ ବୁଧବାର ମକ୍ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ଦୁର୍ଘଟଣାକୁ ମୁକାବିଲା କରିବା ଲାଗି ବିଭାଗୀୟ ପ୍ରସ୍ତୁତି କିପରି ଅଛି, କ'ଣ ସବୁ ଅତ୍ୟାଧୁନିକ ଯନ୍ତ୍ରପାତି ରହିଛି ଏବଂ ଉଦ୍ଧାରକାରୀମାନେ ଏସ୍ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର)କୁ କିପରି ଅନୁସରଣ କରୁଛନ୍ତି ତାହା ମକ୍ ଡ୍ରିଲ ମାଧ୍ୟମରେ ପ୍ରଦର୍ଶନ କରାଯାଇଛି। ଟାଉନ ଥାନା କଣ୍ଟ୍ରୋଲ ରୁମ୍ରେ ବସି ଅଧିକାରୀମାନେ ଦଳାଚକଟା, ଦୁର୍ଘଟଣା, ସମୁଦ୍ରବୁଡ଼ି, ଅଗ୍ନିକାଣ୍ଡ ଆଦିର ଉଦ୍ଧାର କୌଶଳ ଦେଖିବା ସହ ଭକ୍ତମାନଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱାରୋପ କରିଛନ୍ତି।

**ରଥଯାତ୍ରା ପାଇଁ ମକ୍ଡ୍ରିଲ୍**



ଏକ ଶପିଂ ମଲ୍ରେ ଅଗ୍ନିକାଣ୍ଡରୁ ଆହତଙ୍କୁ ଉଦ୍ଧାର ନେଇ ମକ୍ଡ୍ରିଲ ପ୍ରଦର୍ଶନ କରାଯାଉଛି।

ପୂର୍ବାହ୍ନରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଓସ୍ଡମା ସହାୟତାରେ ଟାଉନ ଥାନା ପରିସରରେ ଏହି ଉପଲକ୍ଷେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍ଡିସି ଅନିଲ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ବଲୱନ୍ତ ସିଂ, ଏସ୍ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ଇତିଶ୍ରୀ ନାୟକ, ଡେପୁଟି କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ରଙ୍କ ସମେତ ଓସ୍ଡମା ମୁଖ୍ୟ ପ୍ରଦୀପ କୁମାର ନାୟକ ଯୋଗଦେଇଥିଲେ। ଆର୍ଡିସି ସାମଲ କହିଥିଲେ, ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖିବା ଲାଗି ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଆସିବେ। ଛୋଟ ଜାଗାରେ ବହୁତ ଗହଳି ହେବ। ତେଣୁ ଛୋଟ ମୋଟ ଦୁର୍ଘଟଣାର ବି ଆଶଙ୍କା ରହିଛି। ସେହିପରି ସମସ୍ତଙ୍କର ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ସତର୍କ ରହିବାକୁ ପଡ଼ିବ। ଯଦି କେଉଁଠି ବସ୍ ଦୁର୍ଘଟଣା, ଦଳାଚକଟା କିମ୍ବା ଛାତ ଭୁଶୁଡି ପଡ଼ିଲା ତେବେ କିପରି ତତ୍କ୍ଷଣାତ୍ ଲୋକଙ୍କୁ ଉଦ୍ଧାର କରାଯାଇପାରିବ ଏବଂ ପରିସ୍ଥିତିରେ ସଫଳ ମୁକାବିଲା କରିହେବ ସେ ନେଇ ଏହି ମକ୍ ଡ୍ରିଲ୍ କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଗାଇଡ୍ଲାଇନ ପ୍ରସ୍ତୁତ କରାଯାଇଥିବାବେଳେ ସବୁ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେମାନେ ସମ୍ଭାବ୍ୟ ଦୁର୍ଘଟଣା ପାଇଁ ଆବଶ୍ୟକ ସରଞ୍ଜାମ ସହ ପ୍ରସ୍ତୁତ ହୋଇ ରହିଲେ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିହେବ। ବୈଠକ ପରେ ମକ୍ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ସିଂହଦ୍ୱାର ସମ୍ମୁଖରେ ଦଳାଚକଟା ଖବର ପାଇ ପୋଲିସ, ଓଡ୍ରାଫ ଟିମ୍ ଓ ରେଡ୍କ୍ରସର ସ୍ୱେଚ୍ଛାସେବୀ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚି ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ମାଳତୀପାଟପୁରଠାରେ ବସ୍ ଦୁର୍ଘଟଣା, ସମୁଦ୍ରରେ ଗାଧୋଇବାବେଳେ କେତେଜଣ ପର୍ଯ୍ୟଟକ ବୁଡ଼ିଥିବା, ସହରର ଏକ ମଲ୍ରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ପାଇ ବିଭାଗୀୟ ଅଧିକାରୀମାନେ ସେମାନଙ୍କ କର୍ମଚାରୀଙ୍କ ସହ ତୁରନ୍ତ ସେହିସବୁ ସ୍ଥାନରେ ପହଞ୍ଚି ଉଦ୍ଧାର କୌଶଳ ଦେଖାଇଥିଲେ। ଆର୍ଡିସି, ଜିଲାପାଳ, ଏସ୍ପି, ଅତିରିକ୍ତ ଜିଲାପାଳ ପ୍ରମୁଖ ଅଧିକାରୀମାନେ ଟାଉନ ଥାନା କଣ୍ଟ୍ରୋଲ ରୁମ୍ରେ ବସି ଉଦ୍ଧାର କୌଶଳ ଦେଖିଥିଲେ।